## କିନ୍ନରମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୨୦ ।୧(ସମିସ):** ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମକେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଚରମ୍ପା ରେଲୱେ କଲୋନି ସ୍ଥିତ ଗୋପବନ୍ଧୁପୁର ଉଚ୍ଚ ବିଦ୍ୟାଳୟରେ କିନ୍ନରମାନଙ୍କ ଅଧିକାର ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକ, ସମ୍ପାଦକ ଏସ୍‌ଏମ୍ ଫାରୁକ, ଟିଆଇ ପରିଚାଳକ ସାବିତ୍ରୀ ବିଶ୍ୱାଳ, ଭଦ୍ରକ ବାର୍ ଆସୋସିଏସନ୍‌ର ସଭାପତି ନିରାକାର ଜେନା, ସହାୟକ ନିର୍ଦ୍ଦେଶକ ସାଜି ବିଶ୍ୱଭୂଷଣ ପଟ୍ଟନାୟକ, ସୌମ୍ୟା ଦାସ୍ ସମ୍ପ୍ରଦାୟ ନିର୍ବାହୀ କିନ୍ନର, ଶରତ ଚନ୍ଦ୍ର ଜେନା ପ୍ରଧାନ ଶିକ୍ଷକ ଗୋପବନ୍ଧୁପୁର ଉଚ୍ଚ ବିଦ୍ୟାଳୟ ଚରମ୍ପା ଏବଂ ଉପସ୍ଥିତ ଥିବା କିନ୍ନର ସମ୍ପ୍ରଦାୟ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କିନ୍ନର ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଆସିବାକୁ ଆହ୍ୱାନ ତଥା ସେମାନଙ୍କ ଅଧିକାର ସମ୍ପର୍କିତ ଆଇନ୍ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା ।

## ମା' ବନଦୁର୍ଗାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଧାମନଗର, ୨୦ ।୧(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ଶ୍ୟାମପୁର ସ୍ଥିତ ଦାମୋଦର ପରିସରରେ ମା' ବନଦୁର୍ଗାଙ୍କ ବାର୍ଷିକ ଉତ୍ସବ ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗ୍ରାମର ପୁରୁଷ ଓ ମହିଳା ପୁଣ୍ୟତୟା ଦକ୍ଷିଣବାଡ ସ୍ଥିତ ବଳିଘାଇ ପୋଖରୀରୁ ପାଣି ଉଠାଇ ଗ୍ରାମ ପରିକ୍ରମା କରି ମନ୍ଦିରରେ ପହଁଚିବା ପରେ ୫ଜଣ ବ୍ରାହ୍ମଣଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସନ୍ଥ ରମାକାନ୍ତ ଦାସ ଦଳାଙ୍ଗ ସିଦ୍ଧପିଠଙ୍କ କରକମଳରେ ଉଦଘାଟିତ ହୋଇ ଥିବା ବେଳେ ହୋମଯଜ୍ଞ ଓ ମନ୍ତ୍ରପାଠ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ଏହି ଅବସରରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମଣ୍ଡଳ, ରାଜେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଞ୍ଚୋଳକ ଡାକ୍ତର ସଞ୍ଜୟ ଦାସ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ହରେକୃଷ୍ଣ ପାଢ଼ୀ, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ ରାଉତ, ତୁଷାର ମହାପାତ୍ର, ଦୀପକ ରାମ, ବିଜୟ ବେହେରା ପ୍ରମୁଖ ଯୋଗଦେଇ ମା' ବନଦୁର୍ଗାଙ୍କ ଦର୍ଶନ କରି ଆର୍ଶୀବାଦ ଗ୍ରହଣ କରିଥିଲେ ।

## ହାଇସ୍କୁଲର ବାର୍ଷିକ ଉତ୍ସବ

ଅସୁରାଳି, ୨୦ ।୧(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର କୋରୁଆ-ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ୪୮ ତମ ବାର୍ଷିକ ଉତ୍ସବ ଓ ଭାଷା, ସାହିତ୍ୟ ଓ ସୃଜନଶୀଳତାଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ । ପଣ୍ଡିତ ସୁବାସ ଚନ୍ଦ୍ର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଏକାଦଶୀ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ସଂସ୍ଥାନର ସଦସ୍ୟ ନିର୍ମଳ ଚନ୍ଦ୍ର ସେଠୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ସାହୁ, ସାମ୍ବାଦିକ ସନ୍ତୋଷ ଦାସ, ମୋ ସ୍କୁଲ୍ ଅଧ୍ୟକ୍ଷ ରାକେଶ ପତି, ସ୍କୁଲ ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ବେହେରା, ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ପତି ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ଅପରାଜିତା ତପୋମାଳା ବାରିକ ଏହି କାର୍ଯ୍ୟକ୍ରମ ଅବସରରେ ମୋ କଥା ମୋ କାହାଣୀ ପୁସ୍ତକ ପ୍ରଦର୍ଶିତ ହୋଇଥିଲା । ଶ୍ରେଣୀଗୃହ ବାହାରେ ସୃଜନଶୀଳ କାର୍ଯ୍ୟକଳାପ ପ୍ରଦର୍ଶନ ଓ କୁଶଳୀ, ଜିଜ୍ଞାସା ଏବଂ କ୍ରୀଡାଙ୍ଗନ କ୍ଲବ କାର୍ଯ୍ୟ କଳାପର ପ୍ରଦର୍ଶନ ହୋଇଥିଲା । ଶିକ୍ଷୟିତ୍ରୀ ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଳିକା ଆତ୍ମରକ୍ଷା ଶିବିର

**ମଞ୍ଜୁରୀରୋଡ, ୨୦ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସପ୍ତଦିବସୀୟ ବାଳିକା ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଆଦିତ୍ୟ କୁମାର ଜେନା ଶିବିରକୁ ଉଦଘାଟନ କରି ସାମ୍ପ୍ରତିକ ସମୟରେ ବାଳିକା ମାନେ ଆତ୍ମରକ୍ଷା ପାଇଁ ବିଭିନ୍ନ ଶାରୀରିକ ଜ୍ଞାନକୌଶଳ ଶିକ୍ଷା କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପିକା ସବିତା କୁମାରୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଶିବିରରେ ପ୍ରଶିକ୍ଷକ ଭାବେ ଶ୍ରାବଣୀ ବାରିକ ଓ ମନୋରମା ପଣ୍ଡା ଯୋଗଦେଇ ଉପସ୍ଥିତ ବାଳିକା ମାନଙ୍କୁ ବିଭିନ୍ନ ଶାରୀରିକ ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଉଦୟଭାନୁ ସ୍ୱାଇଁ ଓ ଭାରତୀ ବାରିକ ପ୍ରମୁଖ ପରିଚାଳନା କରିଥିବା ବେଳେ ଆସନ୍ତା୨୫ତାରିଖ ଦିନ ଏହା ଉଦଯାପିତ ହେବ ବୋଲି ଜଣାଯାଇଛି ।

## ଭାଷା ଓ ସାହିତ୍ୟ ସୃଜନଶୀଳତା ଉତ୍ସବ

ଧୂଷୁରୀ, ୨୦ ।୧(ସମିସ): ଧୂଷୁରୀ ସାହାସପୁର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଭାଷା ଓ ସାହିତ୍ୟ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ସାହୁ, ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ନିତ୍ୟାନନ୍ଦ ପୋଥାଳ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ତଥା ମୋ ସ୍କୁଲ ଅଭିଯାନ ସଭାପତି ଶୁଭେନ୍ଦୁ ମାଝୀ, ପୁରାତନ ଶିକ୍ଷକ ମହେଶ୍ୱର ମିଶ୍ର, ନିରଞ୍ଜନ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ବାସୁଦେବ ସାମଲ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ପ୍ରଣବ କୁମାର ସାହୁ ଅତିଥିଙ୍କ ସହ ବିଭିନ୍ନ କ୍ଲବ ର କାର୍ଯ୍ୟକ୍ରମ ଓ ପ୍ରକଳ୍ପ ବୁଲି ଦେଖିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସାହିତ୍ୟ ସୃଜନୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ଶିକ୍ଷକ ଶ୍ରୀଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥବଲେ । ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଟଳ ବିହାରୀ କଲେଜର ଓଡ଼ିଆ ଭାଷା ସମ୍ମିଳନୀ

**ବାସୁଦେବପୁର, ୨୦ ।୧(ସମିସ):** ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା, କର୍ମଶାଳା, ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ବିଷ୍ଣୁ ମୋହନ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ପରିଚାଳନା ସମିତିର ସଭାପତି ବନମାଳୀ କୁଅଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନର ବିଭାଗୀୟ ପ୍ରାଧ୍ୟାପକ ଡ. ଗିରୀଶ ଚନ୍ଦ୍ର ପୁଥାଳ, ରସାୟନ ବିଜ୍ଞାନର ବିଭାଗୀୟ ପ୍ରାଧ୍ୟାପକ ସ୍ୱର୍ଣ୍ଣଲତା ନାୟକ, ଡିଗ୍ରୀ ଶ୍ରେଣୀର ନୋଡାଲ ଅଫିସର ଡ. ରାଜେନ୍ଦ୍ର କୁମାର ବେହେରା, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନୋଡାଲ ଅଫିସର ବିଜୟ ଅଗସ୍ତି ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତା ଯଥା ଓଡିଆ ଟାଇପିଙ୍ଗ୍, କୁଇଜ୍, ଓଡିଆ ବ୍ୟାକରଣ ଜ୍ଞାନ ପରୀକ୍ଷା, କବିତା ଲିଖନ, ପ୍ରବନ୍ଧ ଲିଖନ, ନୃତ୍ୟ, ଗୀତ, ତଥା ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ନଗଦ ରାଶି ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

### ନୂତନ ଜୀବନ ସନ୍ଧାନରେ ରୀନାରାଣୀ

# ବଞ୍ଚିବାର ସାହାରା ପାଲଟିଛି ବିଜୁ ସ୍ୱାସ୍ଥ୍ୟ କାର୍ଡ

**ଆଗରପଡ଼ା, ୨୦ ।୧(ସମିସ):**



ବିଜୁ ସ୍ୱାସ୍ଥ୍ୟ କାର୍ଡ (ବିଏସ୍‌କେୱାଇ) ଜଣେ ମହିଳାଙ୍କ ବଞ୍ଚିବାର ସାହାରା ପାଲଟିଛି । ଉକ୍ତ କାର୍ଡ ସାହାଯ୍ୟରେ ସେ ନିଜକୁ ପୁଣିଥରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ଆଶା ସଞ୍ଚାର କରିପାରିଛନ୍ତି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତରେ ।

ସୂଚନାଅନୁଯାୟୀ, ବନ୍ତ ବ୍ଲକ କାଦବରାଙ୍ଗ ଗ୍ରାମରେ କାଶୀନାଥ ପଣ୍ଡାଙ୍କ ଘର । ୨ପୁଅ ଓ ସ୍ତ୍ରୀକୁ ନେଇ ତାଙ୍କ ସଂସାର । ଗତ ୧୫ ବର୍ଷ ହେବ ତାଙ୍କ ସ୍ତ୍ରୀ ରୀନାରାଣୀ ପଣ୍ଡା ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ଗତ କିଛି ବର୍ଷ ତଳେ ରିନାରାଣୀଙ୍କ ଦେହ ବହୁତ ଖରାପ ହେବାରୁ ସେ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଆସିଥିଲେ । ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ପରେ ତାଙ୍କର ୨ଟି ଯାକ କିଡ୍‌ନୀ ନଷ୍ଟ ହେବାକୁ ଯାଉଥିବାର ସେ ଜାଣିବାକୁ ପାଇଥିଲେ । ଏହା ଜଣାପଡ଼ିବା ପରେ କାଶୀନାଥ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ଡାକ୍ତରଙ୍କ ଠାରେ ରୀନାରାଣୀଙ୍କୁ ଚିକିତ୍ସା କରାଇଥିଲେ ସୁଦ୍ଧା କିଛି ସୁଫଳ ପାଇପାରିନଥିଲେ । ସେ ଜଣେ ଅତି ଗରୀବ ଶ୍ରେଣୀର ଲୋକ ହୋଇଥିବା ବେଳେ ଦିନମଜୁରିଆ ଭାବରେ ଖଟି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବାରେ ଘୋର ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ରୀନାରାଣୀଙ୍କୁ ଭଲ ଚିକିତ୍ସା ଯୋଗାଇବାରେ ବିଫଳ ହୁଅନ୍ତି । ପ୍ରଥମେ ସେ କଟକ ଏସ୍‌ସିବି ମେଡିକାଲରେ ୨ବର୍ଷ ରୀନାରାଣୀଙ୍କୁ ଚିକିତ୍ସା କରାଇବାପରେ ଗତ ୫ମାସ ତଳେ ଡ.ଶଶୀ ଭୂଷଣ ରାଉତଙ୍କ ଠାରେ ରୀନାରାଣୀଙ୍କୁ ଦେଖାଇଥିଲେ । ସେଠାରୁ ତାଙ୍କ ପରାମର୍ଶରେ ସେ ବିଏସ୍‌କେୱାଇ ତାଲିକାଭୁକ୍ତ କଟକ ଜଗତପୁର ସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ । ସେଠାରେ ବିଭିନ୍ନ ବିଭାଗର ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ । ପ୍ରାରମ୍ଭ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ବିଏସ୍‌କେୱାଇ କାର୍ଡ଼ ଜରିଆରେ ପୈଠ ହୋଇଥିବା ବେଳେ କାଶୀନାଥଙ୍କୁ ଏଥି ବାବଦରେ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିନଥିଲା । ବର୍ତ୍ତମାନ କାଶିନାଥ ଡାକ୍ତରଙ୍କ ପରାମର୍ଶ କ୍ରମେ ରିନାରାଣୀଙ୍କ କିଡ୍‌ନୀ ଡାଇଲେସିସ୍ ସପ୍ତାହରେ ୨ଥର କରାଉଥିବା ବେଳେ ଏହାର ଖର୍ଚ୍ଚ ମଧ୍ୟ ଉକ୍ତ କାର୍ଡ ମାଧ୍ୟମରେ ହେଉଛି ଏବଂ ଏହା ଭଦ୍ରକ ସ୍ଥିତ ବିଏସ୍‌କେୱାଇ ତାଲିକାଭୁକ୍ତ ସାଲନ୍ଦୀ ହସ୍ପିଟାଲରେ ହେଉଥିବା ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ତାଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ରୀନାରାଣୀଙ୍କ ଚିକିତ୍ସା ବାବଦରେ ପାଖାପାଖି ୨ଲକ୍ଷ ୫ହଜାର ଟଙ୍କାର ସାହାଯ୍ୟ ସେ ପାଇସାରିଲେଣି । ଆଗାମୀ ଦିନରେ ଉକ୍ତ କାର୍ଡ ରୀନାରାଣୀଙ୍କ ନୂତନ ଜୀବନର ବିନ୍ଧାଣୀ ସାଜିବ ବୋଲି ସେ ଆଶା ବ୍ୟକ୍ତ କରିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ଉର୍ସ କମିଟି



**ଧାମନଗର, ୨୦ ।୧(ସମିସ):** ଧାମନଗର ସ୍ଥିତ ପୀରବାବା ହଜରତ ମୁଜାହିଦ-ଏ ମିଲ୍ଲତଙ୍କ ପବିତ୍ର ପୀଠ ଖାନକା ସରିଫ ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ସୁଯୋଗ ପାଇଁ ଏକ ହଷ୍ଟେଲ ଗୃହ, ଉଚ୍ଚ କ୍ଷମତା ପାଣି ଟାଙ୍କି ନିର୍ମାଣ ଓ ମଜାର ସରିଫର ଉନ୍ନତି ସୌନ୍ଦର୍ଯ୍ୟକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩କୋଟି ୯୧ଲକ୍ଷ ୫ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଦେଖିବାକୁ ମିଳିଥିବା ବେଳେ ଧାମନଗର ଉର୍ସ କମିଟି ସଭାପତି ତଥା ମତୱଲି ବାବା ସୟଦ ଗୋଲାମ ମହମ୍ମଦ ହବିବି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଗତ ଶୁକ୍ରବାର ରାଜ୍ୟ ୱାକଫ୍ ବୋର୍ଡ ଅଧିକାରୀ ସେକ ନିଜାମୁଦ୍ଦିନ, ବିଜେଡି ପ୍ରଚାରକ ମୁସରାଫ ଖାନ(ମାନା)ଙ୍କ ସହଯୋଗରେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନାଙ୍କ ସହିତ ଉର୍ସ କମିଟିର ଉପସଭାପତି ସୟଦ ମୁସ୍ତଫା ରଜା, ସୟଦ ହସନେନ୍, ସାଧାରଣ ସମ୍ପାଦକ ଏମଡି ଇସ୍ରାଇଲ ହବିବି, ସହସମ୍ପାଦକ ସେକ ଅବଦୁର ରହେମାନ, ମୌଲାନା ସେକ ଗୋଲାମ ଅଲ୍ଲୀ, ସେକ ଇଲିୟାସ, ସମାଜସେବୀ ଲମ୍ବୋଦର ଜେନା, ସେକ ଜାଫର ଅଲ୍ଲୀ, ସେକ ସଲିମ, ସେକ ଅଫସର ଅଲ୍ଲୀ(ଅପପି), ସେକ ଅବଦୁର କାଦର, ମୀର ଫାରୁକ ପ୍ରମୁଖ କର୍ମକର୍ତ୍ତା ନବୀନ ନିବାସରେ ପହଞ୍ଚି ଖାନକା ସରିଫ ଉର୍ସ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

## ସୁବର୍ଣ୍ଣମୁଖୀ କ୍ରିକେଟ ଟର୍ଣ୍ଣାମେଣ୍ଟ; ଭାମଣ୍ଡା ବିଜୟୀ

**ଦୋବଲ, ୨୦ ।୧(ସମିସ):** ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମପଡ଼ିଆ ଠାରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ୨ୟ କ୍ୱାର୍ଟର ମ୍ୟାଚରେ ଭଣ୍ଡାରୀପୋଖରୀର ହିଟ୍ ମାଇଣ୍ଡ କ୍ରିକେଟ ଟିମକୁ ହରାଇ କେନ୍ଦ୍ରାପଡ଼ାର ଭାମଣ୍ଡା କ୍ରିକେଟ ଟିମ ବିଜୟ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ହିଟ ମାଇଣ୍ଡ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୬ ରନ କରିଥିଲା । ଦଳ ପକ୍ଷରୁ ଗୁଡ଼ି ଜେନା ୬୦ ରନ କରିଥିଲେ । ପ୍ରତିପକ୍ଷ ବୋଲର ରିତେଶ ସାମଲ ୪ ଓଭରରେ ୧୬ ରନ ଦେଇ ୨ ୱିକେଟ ନେଇଥିଲେ । ଜବାବରେ ଭାମଣ୍ଡା ଟିମ ୧୯.୪ ଓଭରରେ ୫ ୱିକେଟ ହରାଇ ୨୦୮ ରନ କରି ବିଜୟ ହୋଇଥିଲା । ଦଳ ପକ୍ଷରୁ ଅବିନାଶ ଚମ୍ପତି ୪୪ ରନ କରିଥିଲେ । ପ୍ରତିପକ୍ଷ ବୋଲର ଲୋକନାଥ ସିଂହ ୪ ଓଭରରେ ୪୪ ରନ ଦେଇ ୩ ୱିକେଟ ନେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ଭାମଣ୍ଡାର ନିଲୁ ପ୍ରଧାନଙ୍କୁ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ପୁରସ୍କୃତ କରିଥିଲେ । ଅମ୍ପାୟାର ଭାବେ ବିବେକାନନ୍ଦ ସାମଲ ଓ ପ୍ରମୋଦ ସାହୁ ଖେଳ ପରିଚାଳନା କରିଥିଲେ । ସ୍କୋରର ଥିଲେ ସମୀର ସାହୁ ଓ ବିଶ୍ୱଜିତ ସାହୁ । ଅଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

## ଧାମରା ମୋବିଲ ଡିପୋରେ ଅଗ୍ନିକାଣ୍ଡ



**ଚାନ୍ଦବାଲି, ୨୦ ।୧(ସମିସ):** ଶନିବାର ପୂର୍ବାହ୍ନ ୧୧ ଟା ବେଳେ ଧାମରା ନିକଟସ୍ଥ ନରସିଂହପ୍ରସାଦ ଠାରେ ଏକ ମୋବିଲ ଡିପୋରେ ନିଆଁ ଲାଗି ଯାଇଥିଲା । ନିଆଁ ଲାଗିବାର ଦୀର୍ଘ ସମୟ ପରେ ଧାମରାରୁ ଅଗ୍ନିଶମ ବାହିନୀର ଏକ ଗାଡି ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବା ସମୟରେ ଧାମରା ବନ୍ଦର (ଆଦାନୀ)ରୁ ଆଉ ଗୋଟିଏ ଅଗ୍ନିଶମ ବାହିନୀର ଗାଡି ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳ ହୋଇ ପାରି ନଥିଲେ । ପୁନଶ୍ଚ ଧାମରା ବନ୍ଦରରୁ ଆଉ ଗୋଟିଏ ଗାଡି ଆସିବା ପରେ ୩୦ ରୁ ଅଧିକ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ମଧ୍ୟ ସମ୍ପୂର୍ଣ୍ଣ ନିଆଁ ଆୟତ୍ତ କରିବା କଷ୍ଟକର ହୋଇ ପଡ଼ିଥିଲା । ନିଆଁର ପ୍ରକୋପ ଏତେ ଥିଲା ଯେ ସେହି ଅଞ୍ଚଳକୁ ସର୍ବସାଧାରଣତ ଦୂରର କଥା ଅଗ୍ନିଶମ ବାହିନୀର କର୍ମଚାରୀ ମଧ୍ୟ ଯିବାକୁ ନିରାପଦ ମଣି ନଥିଲେ । ସୂଚନାଯୋଗ୍ୟ, ନରସିଂହପ୍ରସାଦଠାରେ ଏକ ଜନବସତି ପୂର୍ଣ୍ଣ ସ୍ଥାନରେ ଏହି ପେଟ୍ରୋଲିୟମ ପ୍ରଡକ୍ଟ ଯଥା ଜାହାଜରୁ ବାହାରୁଥିବା ପୋଡ଼ା ମୋବିଲ ଏକ ପୋଖରୀ ଖୋଳି ଏଠାରେ ରଖାଯାଇଛି । ଏହି ସ୍ଥାନରେ ପୋଡା ମୋବିଲ ଥିବା ପୋଖରୀରେ ନିଆଁ ଲାଗିବା ପରେ ଏହି ପୋଖରୀ ନିକଟସ୍ଥ ରହୁଥିବା ରବୀନ୍ଦ୍ର ଦାସ ଏବଂ ସପନ ଦାସଙ୍କ ପରିବାର ମଧ୍ୟ ଏହି ନିଆଁ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଅଞ୍ଚଳବାସୀଙ୍କ ମଧ୍ୟରେ ଏହି ନିଆଁକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଦୁର୍ଘଟଣାରେ ବୃଦ୍ଧ ଗୁରୁତର; ଘଟଣାସ୍ଥଳରେ ଉତ୍ତେଜନା

**ବାସୁଦେବପୁର, ୨୦ ।୧(ସମିସ):** ବାସୁଦେବପୁରରେ ଥାନା ଆରୁହା ରାସ୍ତାରେ ଏକ ମାଲ ବୋଝେଇ ଟ୍ରକ୍ ଚାପାରେ ଜଣେ ବୃଦ୍ଧର ଅବସ୍ଥା ସଙ୍କଟାପନ୍ନ ହୋଇଛି । ଏହି ଦୁର୍ଘଟଣାରେ ଶିକାର ବ୍ୟକ୍ତି ଜଣକ ସ୍ଥାନୀୟ ଗ୍ରାମର ବଂଶୀଧର ମହାରଣା(୬୮) ବର୍ଷ ବୋଲି ସୂଚନା ରହିଛି । ଆଜି ମଧ୍ୟାହ୍ନରେ ବଂଶୀଧର ଘର ନିକଟରେ କୌଣସି କାମରେ ରାସ୍ତା ପାରି ହୋଇ ଯାଉଥିବା ସମୟରେ ବାଲି ବୋଝେଇ ଡମ୍ଫରଟି ଦ୍ରୁତ ଗତିରେ ଆସି ଦୁର୍ଘଟଣା ଘଟାଇଥିଲା । ଏହି ଘଟଣା ପରେ ଗାଁ ଲୋକେ ପହଞ୍ଚି ବଂଶୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରିଛନ୍ତି । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକମାନେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକାଇବା ସହିତ ରାସ୍ତାରୋକ କରିଥିବା ସୂଚନା ରହିଛି । ଖବର ପାଇ ପୁଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିବା ଜଣାପଡ଼ିଛି ।

## ସ୍ୱାଧୀନତା ସଂଗ୍ରାମୀ ଶଶୀଭୂଷଣ ଦାସଙ୍କ ସ୍ମୃତିଚାରଣ



**ଭଣ୍ଡାରିପୋଖରୀ, ୨୦।୧(ସମିସ):** ପିରିପୁର ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ଶଶୀଭୂଷଣ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ବୃନ୍ଦାବନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ନାୟକ, ସାହିତ୍ୟିକ କାର୍ତ୍ତିକ ସ୍ୱାଇଁ, ଶିକ୍ଷାବିତ ପ୍ରଫୁଲ୍ଲ ସାହୁ, ପୁରୁଷୋତ୍ତମ ଧଳ, କାଶୀନାଥ ପତି, ସୁକାନ୍ତି ମହାନ୍ତି, ଡା. ନିରଞ୍ଜନ ଓଝା, ନଟବର ରାଉଳ, ଘନଶ୍ୟାମ ସ୍ୱାଇଁ, ପ୍ରଶାନ୍ତ ସେଠୀ, ମାନସ ପାତ୍ର, ଶ୍ରୀକାନ୍ତ ଦାସ, ମାର୍କଣ୍ଡ ସାହୁ, ନିରଞ୍ଜନ ଦୀକ୍ଷିତ, ନାରାୟଣ ପୋଥାଳ, କିଶୁଚରଣ ଜେନା, ଉଦ୍ଧବ ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ସରଳ ଜୀବନଚର୍ଯ୍ୟା, ଦେଶପ୍ରୀତି ଓ ସେବା ମନୋଭାବ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜଗନ୍ନାଥ ପଣ୍ଡା ବେଦପାଠ କରିଥିଲେ । ହୃଷିକେଶ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ସତ୍ୟବ୍ରତ ଦାସ ଦେଇଥିଲେ ।

## ଯୁବକଙ୍କ ମୃତ୍ୟୁକୁ ନେଇ ଶୋକ

ଅସୁରାଳି, ୨୦ ।୧(ସମିସ): ଅସୁରାଳି ପଞ୍ଚାୟତ ଗଣେଶ ନଗର ଗାଁର ମହେଶ୍ୱର ପୃଷ୍ଟି (୪୨)ଙ୍କ ର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ଅସୁରାଳି ସ୍ଥିତ ଅଲ ମାଇଟ ଟେକ୍ନିକାଲ ଇନଷ୍ଟିଚ୍ୟୁଟରେ ଯୁବ ଶିକ୍ଷା କର୍ମଚାରୀ ଭାବରେ ସେ କାର୍ଯ୍ୟରତ ଥିଲେ । ସକାଳୁ ସେ ଆଇଟିଆଇର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟନ ପାଇଁ ଆସିଥିଲେ । ସଭାରେ ସେ ଅସୁସ୍ଥ ଅନୁଭବ କରିବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଅସୁରାଳି ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇ ସେଠାରେ ଡାକ୍ତର ତାଙ୍କୁ ଦେଖିବା ପରେ ମୃତ ଘୋଷଣା କରିଥିଲେ । ସେଠାରେ ଶବ ବ୍ୟବଚ୍ଛେଦ ହୋଇ ନିଜ ଗ୍ରାମକୁ ଆସି ଗାଁ ପରିକ୍ରମା କରି ମଶାଣିରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ମୃତ୍ୟୁରେ ବଣିକ ସଂଘ ସଭାପତି ଡା.ସଦାନନ୍ଦ ଦାସ, ସମାଜସେବୀ ହେମେନ୍ଦ୍ର ସାହୁ, ଇଂ.ସନ୍ତାଷ ସାହୁ, ସରପଞ୍ଚ ମିନତି ସାହୁ, ସୁରଜ ସାହୁ, ସମାଜସେବୀ ସନ୍ତୋଷ ସାହୁ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବି ନାରାୟଣ ଖିଲାର, ରାଜେନ୍ଦ୍ର ସାହୁ, ସାମ୍ବାଦିକ ସନ୍ତୋଷ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

### ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

# ୩୧କେନ୍ଦ୍ରରେ ୬୭୫୨ ପରୀକ୍ଷାର୍ଥୀ

**ଭଦ୍ରକ, ୨୦ ।୧(ସମିସ):**

ଆଜି ସର୍ବଭାରତୀୟ ସ୍ତରରେ ଜବାହାର ନବୋଦୟ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ୬ଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବା ଅବସରରେ ଭଦ୍ରକ ଜିଲ୍ଲାରେ ୩୧ ପରୀକ୍ଷା କେନ୍ଦ୍ରରେ ୬୭୫୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ଉକ୍ତ ପରୀକ୍ଷା ନିମନ୍ତେ ୩୬୧୯ ଜଣ ବାଳକ ଓ ୩୯୮୨ ଜଣ ବାଳିକା ନାମ ପଞ୍ଜିକୃତ କରିଥିବା ବେଳେ ୮୮ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ବୋଲି ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଶ୍ୱନାଥ ଖିଲାର ପ୍ରକାଶ କରିଛନ୍ତି । ନାମ ପଞ୍ଜୀକରଣରେ ଏହା ରାଜ୍ୟରେ ୨ୟ ସ୍ଥାନ ଲାଭ କରିଥିବା ଏକ ଆନନ୍ଦର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏଥିପାଇଁ ଜିଲ୍ଲାର ବାସୁଦେବପୁର ବ୍ଲକରେ ୭ଟି କେନ୍ଦ୍ର, ଭଦ୍ରକରେ ୪ଟି, ଭଣ୍ଡାରିପୋଖରୀରେ ୪, ବନ୍ତରେ ୩, ଧାମନଗରରେ ୪, ଚାନ୍ଦବାଲିରେ ୭ ଓ ତିହିଡି ବ୍ଲକରେ ୨ଟି କେନ୍ଦ୍ରରେ ୬୭୫୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିନୋଦ ଜେନା ପ୍ରକାଶ କରିଛନ୍ତି । ୩୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର ସୁନିୟନ୍ତ୍ରଣ ନିମନ୍ତେ ନବୋଦୟ ବିଦ୍ୟାଳୟର ୨୨ଜଣ ଓ ଶିକ୍ଷା ବିଭାଗରୁ ୯ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବା ସହ ୭ଜଣ ବିଇଓ ପରୀକ୍ଷା କେନ୍ଦ୍ର ଗୁଡିକର ତଦାରଖ କରିଥିଲେ । ଏଥି ନିମନ୍ତେ ଏକ ତାଲିମ କର୍ମଶାଳା ୧୬ ଜାନୁଆରୀ ୨୦୨୪ରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ, ମାୟାଧର ସାହୁ, ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷାଧିକାରୀ ଓ କେନ୍ଦ୍ର ନିରିକ୍ଷକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ନବୋଦୟ ବିଦ୍ୟାଳୟ ସଂଗଠନର ଚେୟାରମ୍ୟାନ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ପରୀକ୍ଷା ଶୃଙ୍ଖଳିତ ଭାବରେ ସମାପନ ହୋଇଥିବା ଅଧ୍ୟକ୍ଷ ଡ. ଖିଲାର ପ୍ରକାଶ କରିଛନ୍ତି । ଉକ୍ତ ପ୍ରବେଶିକା ପରୀକ୍ଷାରେ ଆବେଦନକାରୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବା ଅଭିଭାବକମାନଙ୍କର ନବୋଦୟ ବିଦ୍ୟାଳୟ ପ୍ରତି ଆକର୍ଷଣବୃଦ୍ଧି ପାଇବାର ସଂକେତ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି । ଆଜିର ପରୀକ୍ଷା ଠିକ ସମୟରେ ଆରମ୍ଭ ଓ ଶେଷ ହେବା ସହ ଶୃଂଖଳିତ ଓ ସୁନିୟନ୍ତ୍ରିତ ଭାବରେ ଶେଷ ହୋଇଛି ବୋଲି ସରକାରୀ ଉଚ୍ଚବିଦ୍ୟାଳୟ ଭଦ୍ରକର କେନ୍ଦ୍ର ନିରୀକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ସମେତ ବହୁ କେନ୍ଦ୍ର ନିରିକ୍ଷକ ମତ ପ୍ରକାଶ କରିଛନ୍ତି ।

# ଟ୍ରାଇସାଇକଲରେ ଦିବ୍ୟାଙ୍ଗଙ୍କ କାଶ୍ମୀର ଯାତ୍ରା

ଟମକା, ୨୦।୧(ସମିସ): ସମାଜରେ ବିଭିନ୍ନ ଜନକଲ୍ୟାଣ କରି ନିଜକୁ ପରିଚିତ ଓ ପ୍ରତିଷ୍ଠା ଅର୍ଜନ କରିବା ଲକ୍ଷ୍ୟରେ ବିଭିନ୍ନ ବ୍ୟକ୍ତିବିଶେଷ ନିଜର ପ୍ରୟାସ ଜାରି ରଖିଛନ୍ତି। ସେହିପରି ଜଣେ ଦିବ୍ୟାଙ୍ଗ ହେଉଛନ୍ତି ବିହାରର ରାଜଧାନୀ ପାଟନାର ଅଧିବାସୀ ଅରବିନ୍ଦ ମିଶ୍ର(୪୯)। ଅର୍ଥନୀତିରେ ସ୍ନାତକ ହାସଲ କରିଛନ୍ତି। ସେ ଏକ ଟ୍ରାଇସାଇକଲ ଯୋଗେ ପୁରୀରୁ କାଶ୍ମୀର ଅଭିମୁଖେ ସାରା ଭାରତ ଭ୍ରମଣ ଅବସରରେ ଟମକା ଛକରେ ପହଞ୍ଚି ଥିଲେ। ଟମକାର ଅଗ୍ରଣୀ ଅନୁଷ୍ଠାନ ଶ୍ରୀରାମ ଯୁବକ ସଂଘଠାରେ କେତେକ ସ୍ୱେଚ୍ଛାସେବୀ ଯୁବକଙ୍କ ସହାୟତାରେ ରାତ୍ରିଯାପନ କରିଛନ୍ତି। ତାଙ୍କ ସାଇକଲରେ ଏକ ସଚେତନତାର ଓଡିଆ ଓ ଇଂରାଜୀ ବାର୍ତ୍ତା ଥିବା ଲେଖାଯାଇଛି। କନ୍ୟା ଭ୍ରୁଣହତ୍ୟା ବନ୍ଦ କରିବା, ଗାଡି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର ନ କରିବା ଓ ରକ୍ତଦାନ କରିବା ଆଦି ସ୍ଲୋଗାନର ବାର୍ତ୍ତା ସାରା ଦେଶରେ କିପରି ପହଞ୍ଚିପାରିବ, ପ୍ରତ୍ୟେକ ଦେଶବାସୀ ସଚେତନ ହୋଇ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ଦିବ୍ୟାଙ୍ଗ ଶ୍ରୀ ମିଶ୍ର ଏବେ ସୁଦ୍ଧା କଟକ, ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ପରିଭ୍ରମଣ କରିଥିବା ଜଣାପଡ଼ିଛି। ଏହି ଦିବ୍ୟାଙ୍ଗଙ୍କ ଯାତ୍ରା ସଫଳ ପାଇଁ ସଂଘର ରଙ୍ଗାନନା, ଟିଟୁଆ ନନା, ଦୀପକ ମହାନ୍ତ, ଚିତ୍ତରଞ୍ଜନ ବାରିକ, ରଶ୍ମିରଞ୍ଜନ ମହାନ୍ତ, ନବୀନ ଓଝା, ଶେଷଦେବ ବାରିକ, ପ୍ରଭୁଦତ୍ତ ବେହେରା, ଅତିଶ ରଥ ଓ ନରୋତ୍ତମ ବେହେରା କାମନା କରିଥିଲେ।




# ଜାରକାରେ ବିଜେଡିର ମହିଳା ସମାବେଶ



ଧର୍ମଶାଳା, ୨୦।୧(ସମିସ): ଧର୍ମଶାଳା ବିଜେଡି ମାତୃଶକ୍ତି ୱିଙ୍ଗସର ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜାରକା ସମ୍ରାଟ ମଣ୍ଡପଠାରେ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ଯାଦବ ସଂଘ ସଭାପତି ଉତ୍ତମ କୁମାର ଦାସଙ୍କ ସଭାପତିତ୍ୱରେ ଏହି ସଭାରେ ଅତିଥି ଭାବେ ବିକାଶ ପରିଷଦ ସଭାପତି ତଥା ବିଜେଡି ଯୁବ ସଂଗଠକ ଶ୍ରୀକାନ୍ତ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସହ ମହିଳାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଯୋଜନାକୁ ଅଧିକରୁ ଅଧିକ ପ୍ରଚାର କରିବା ପାଇଁ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। ମାତୃଶକ୍ତି ମହାସଂଘ ସଭାନେତ୍ରୀ ସତ୍ୟଭାମା ମଲିକଙ୍କ ନେତୃତ୍ୱରେ ନମିତ ନାୟକ, ସୁନୀତା ମଲ୍ଲିକ, ଝରଣା ଦାସ, ରଶ୍ମୀ ସାମଲ, ମାମା ବାରିକ ପ୍ରମୁଖ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ନାରାବାଜି ଦେଇଥିଲେ।

# ସୁକିନ୍ଦା ବ୍ଲକରେ ଭୀମ ଭୋଇ ସାମର୍ଥ୍ୟ ଶିବିର



ସୁକିନ୍ଦା, ୨୦।୧(ସମିସ): ଶନିବାର ଦିନ ସୁକିନ୍ଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଯାଜପୁର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୨୫୯ ଜଣଙ୍କ ନାମ ପଞ୍ଜିକରଣ ହୋଇଥିଲା। ବ୍ଲକ ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରର ଜନହିତକର ଦୃଷ୍ଟିକୋଣକୁ ବ୍ୟାଖ୍ୟା କରିଥିଲେ। ସେହିପରି ବିଡିଓ ନମ୍ରତା ମୋଦି ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରିଆ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗର ୧୦୫, ଚକ୍ଷୁ ବିଭାଗର ୪୩, ଶ୍ରବଣ ଓ ବାକ୍‌ଶକ୍ତି ବାଧିତ ବିଭାଗର ୫୦, ମନସ୍ତତ୍ତ୍ୱ ବିଭାଗର ୪୩ ଓ ଭେଷଜ ବିଭାଗର ୯ ଜଣଙ୍କ ନାମ ପଞ୍ଜିକରଣ ହୋଇଥିଲା। ଏତବ୍ୟତୀତ ଚଳପ୍ରଚଳ ବାଧିତ ୩ ଜଣଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା।

## ବ୍ୟାସନଗରବାସୀଙ୍କୁ ଜିଲ୍ଲାପାଳଙ୍କ ବିଦାୟୀ ଭେଟି

# ଷ୍ଟାଡିୟମ ରୂପାନ୍ତରଣ ପାଇଁ ଡିଏମ୍‌ଏଫ୍ ଫଣ୍ଡରୁ ୧୦ କୋଟି ମଞ୍ଜୁର

ବ୍ୟାସନଗର, ୨୦।୧(ସମିସ):

ଦୀର୍ଘଦିନର ଆନ୍ଦୋଳନର ଫଳ ପାଇଛି ବନ୍ଦେ ବ୍ୟାସନଗର। ହୃତ ଗୌରବ ହରାଇବାକୁ ଯାଉଥିବା ବ୍ୟାସନଗର ଷ୍ଟାଡିୟମର ନିର୍ମାଣ ଦିଗରେ ସରକାର ପଦକ୍ଷେପ ନେବାକୁ କ୍ରୀଡାବିତ୍ ଓ କ୍ରୀଡା

**ଫେବୃଆରୀ ଶେଷ ସୁଦ୍ଧା ଟେଣ୍ଡର ସାରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ**

ପ୍ରଶିକ୍ଷକ ବଜ୍ରବାହୁ ସାମଲଙ୍କ ଅନୁରୋଧ ପରେ ସରକାର ବ୍ୟାସନଗରସ୍ଥ ରାଜୀବ ଗାନ୍ଧୀ ଷ୍ଟାଡିୟମର ରୂପାନ୍ତରଣ ନିମନ୍ତେ ମନ ବଳାଇଛନ୍ତି। ଅବଶ୍ୟ ପୂର୍ବରୁ ନିର୍ମାଣ କାର୍ଯ୍ୟ ନେଇ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସହିତ ୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିନିମନ୍ତେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବଡ଼ ଭୂମିକା ରହିଛି। ଏହାବ୍ୟତୀତ ଶନିବାର ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏହି ଷ୍ଟାଡିୟମର ଭିତ୍ତିଭୂମି ବୁଲି ଦେଖିବା ସହିତ କ୍ରୀଡାବିତ୍‌ଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପୂର୍ବରୁ ବନ୍ଦେ ବ୍ୟାସନଗର ସଂଗଠନ ପକ୍ଷରୁ ଜିଲ୍ଲାପାଳ ଓ ଆସିଥିବା ଟିମ୍‌କୁ ସ୍ୱାଗତ କରାଯାଇଥିଲା। ଶେଷରେ ଏହି ଷ୍ଟାଡିୟମରେ କିଛି ଜଙ୍ଗଲ ଜମି ରହିଥିବାରୁ ହଠାତ୍ ସମ୍ପୂର୍ଣ୍ଣ ନିର୍ମାଣ ସମ୍ଭବପର ନ ଥିବା କହିଥିଲେ। ବଡ଼ ଷ୍ଟାଡିୟମ ନିମନ୍ତେ ରହିଥିବା ଦାବି ଉପରେ ମନ୍ତବ୍ୟ ରଖି ଜିଲ୍ଲାପାଳ ଶ୍ରୀ ରାଠୋର କହିଥିଲେ, ଏଥିନିମନ୍ତେ ୧୫ ଏକର ଜାଗାର ଆବଶ୍ୟକତା ରହିଛି। ତେବେ ତୁରନ୍ତ କ୍ରୀଡାବିତ୍‌ଙ୍କ ନିମନ୍ତେ ପ୍ରଶିକ୍ଷଣ ନିମନ୍ତେ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠିରୁ ସେ ୧୦ କୋଟି ଟଙ୍କା ଏଠାରେ ବିନିଯୋଗ କରାଯିବ ବୋଲି କହିଥିଲେ। ଆସନ୍ତା ଫେବୃଆରୀ ମାସ ଶେଷ ସୁଦ୍ଧା ପୂର୍ତ୍ତ ବିଭାଗ (ରାସ୍ତା ଓ ଗୃହ ନିର୍ମାଣ) ପକ୍ଷରୁ ବିଧିବଦ୍ଧ ଭାବେ ଏଷ୍ଟିମେଟ ଓ ଟେଣ୍ଡର କରିବାକୁ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଗକୁ ନିର୍ବାଚନ ଥିବାରୁ ଆଚରଣବିଧି ଲାଗୁ ପୂର୍ବରୁ ଏହି କାମ ହେଲେ କ୍ରୀଡାବିତ୍ ଉପକୃତ ହୋଇପାରନ୍ତେ ବୋଲି ଆଶାବ୍ୟକ୍ତ କରିଛନ୍ତି କ୍ରୀଡା ପ୍ରଶିକ୍ଷକ ବଜ୍ରବାହୁ ସାମଲ। ପ୍ରାଥମିକ ଭାବେ ଏହି ଉପହାର ଆମକୁ ଖୁସି ଦେଇଥିବା କହିବା ସହିତ ଆଗାମୀ ଦିନରେ କ୍ରୀଡା ନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତି ମୁତାବକ ୧୬ କୋଟି ଟଙ୍କା ନେଇ ଆଲୋଚନା କରାଯିବ ବୋଲି କହିବା ସହିତ ଏ ନେଇ ଯାଜପୁର ଜିଲ୍ଲାପାଳ ଓ ଯାଜପୁର ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ଏହି ଘୋଷଣା ପରେ ଯାଜପୁର ଜିଲ୍ଲାପାଳଙ୍କ ବ୍ୟାସନଗରବାସୀଙ୍କ ପ୍ରତି ବିଦାୟୀ ଭେଟି ବୋଲି ଶୁଣିବାକୁ ମିଳୁଛି। ସୂଚନାଯୋଗ୍ୟ, ଏହି ମାସ ଶେଷ ସପ୍ତାହରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏଠାରୁ ଅନ୍ୟତ୍ର ବଦଳି ହେବା ନେଇ ଖବର ମିଳିଛି।



### ମହିଳା ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତର ସାନଭାଇ ଗିରଫ

ଦଶରଥପୁର, ୨୦।୧(ସମିସ): ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତର ମହିଳା ସରପଞ୍ଚ ପ୍ରତିଭା ମଲ୍ଲିକ ଓ ତାଙ୍କ ସ୍ୱାମୀ ରଞ୍ଜନ ମଲ୍ଲିକଙ୍କୁ ସମ୍ପୃକ୍ତ ପଞ୍ଚାୟତର ମାଣିକେଇ ଛକରେ ଗତ ୧୮ ତାରିଖ ଅପରାହ୍ନରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ସୁବାସ ମହଲା ଓରଫ ଅଲିଆ ଓ ସାନଭାଇ ଆଶିଷ ମହଲାକୁ ଗିରଫ ପାଇଁ ମଙ୍ଗଳପୁର ପୁଲିସ ଉକ୍ତ ଦିନ ବିଳମ୍ବିତ ରାତିରେ ଚଷାଖଣ୍ଡ ଗ୍ରାମରେ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତ ୨ ଭାଇ ଘଟଣା ଘଟିବା ପରଠାରୁ ଗ୍ରାମରୁ ଫେରାର ହୋଇଯାଇଥିଲେ। ତେବେ ବିଶେଷ ସୂତ୍ରରୁ ସୂଚନା ପାଇ ମଙ୍ଗଳପୁର ପୁଲିସ ମୁଖ୍ୟ ଅଭିଯୁକ୍ତ ସୁବାସ ମହଲାର ସାନ ଭାଇ ଆଶିଷ ମହଲାକୁ ଶନିବାର ଦିନ ପ୍ରାୟ ୧୦ଟାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଳାଭର ବଜାରରୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଆଶିଷ ମହଲା ଜେଲ ଯାଇଥିବା ଜଣାଯାଇଛି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ଯାଜପୁର, ୨୦।୦୧(ସମିସ): ଆସନ୍ତା ମାସ ୩ରୁ ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ '୫-ଟି' ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଦିନିକିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ଅବସରରେ ଯାଜପୁର ସହରସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଅକ୍ଷୟ କୁମାର ପଣ୍ଡା ଉଦ୍‌ଘାଟନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ପିଲାମାନେ ଅଧିକ ସମୟ ମୋବାଇଲ ନ ଧରି ଅଧିକାଂଶ ସମୟ ବିଭିନ୍ନ ପ୍ରକାର ପୁସ୍ତକ ପଢ଼ିଲେ ନିଜର ଜ୍ଞାନ ବଢ଼ିବା ସହ ସୃଜନଶୀଳତର ବିକାଶ ଘଟିଥାଏ ବୋଲି ମୁଖ୍ୟଅତିଥି ଡ. ପଣ୍ଡା ଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହ ସାହିତ୍ୟ ସୃଜନୀ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ ଓ କ୍ରୀଡାଙ୍ଗନ କ୍ଲବ୍‌ର ଆବଶ୍ୟକତା ସମ୍ପର୍କରେ କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସଂସ୍କୃତ ଶିକ୍ଷକ ଅଜିତ କୁମାର ଦାଶ, ମୋ ସ୍କୁଲ ଅଭିଯାନର ସଭାପତି ପୂର୍ଣ୍ଣିମା ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେକ୍ ଧନୁ ପ୍ରମୁଖ ଯୋଗଦେଇ ନିଜ ଭାଷା, ସଂସ୍କୃତି, ସାହିତ୍ୟ ଓ ସୃଜନଶୀଳତାର ବିକାଶ କରିବାକୁ ଛାତ୍ରୀଙ୍କୁ ପରାମର୍ଶ ଦେବା ସହ ସାହିତ୍ୟ ସୃଜନୀ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ ଓ କ୍ରୀଡାଙ୍ଗନ କ୍ଲବ୍ ସମ୍ପର୍କରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସମସ୍ତେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପିଲାମାନେ ଓଡିଆ ଭାଷାକୁ ଭଲ ପାଇବା ସହ ଲେଖାପଢ଼ାରେ ଗୁରୁତ୍ୱ ଦେବାକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସାହିତ୍ୟ ସୃଜନୀର ମେଣ୍ଟର ମାୟାଧର ବେହେରା ପରାମର୍ଶ ଦେଇଥିଲେ। ଏ ପରିପ୍ରେକ୍ଷୀରେ ପ୍ରାଚୀରପତ୍ରର ପ୍ରଦର୍ଶନୀ ସହ ସାହିତ୍ୟ ସୃଜନୀ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ ଓ କ୍ରୀଡାଙ୍ଗନ କ୍ଲବ୍‌ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ପରେ ଗଳ୍ପ ପଠନ, କବିତା ଆବୃତ୍ତି ଓ ହାଉସମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏ ଅବସରରେ ଶ୍ରେଷ୍ଠ ଗଳ୍ପ ପଠନରେ ଦଶମ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ରାଉତ, ଶ୍ରେଷ୍ଠ କବିତା ଆବୃତ୍ତିରେ ନବମ ଶ୍ରେଣୀ ଛାତ୍ରୀ ଇତିଶ୍ରୀ ଜେନାକୁ ପୁରସ୍କୃତ କରାଯ।ଇଥିବାବେଳେ ଶ୍ରେଷ୍ଠ ହାଉସ ଭାବେ ସୁବର୍ଣ୍ଣରେଖା ହାଉସ୍‌କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଅନୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମାନସ କୁମାର ଧଳ, ଶିକ୍ଷୟିତ୍ରୀ ମୋନାଲିସା ଓଝା, ବିଜୟଲକ୍ଷ୍ମୀ ସାହୁ, ଅନୀତା ପାଣିଗ୍ରାହୀ, ସୁଶ୍ରୀ ସଙ୍ଗୀତା ନାୟକ, ମମତା ସେଠୀ, ସରୋଜିନୀ ଦାସ, ମଧୁସ୍ମିତା ବେହେରା, ଝୁନୁବାଳା ସାମଲ, ପ୍ରତିଭା ମହାନ୍ତି, ଅଞ୍ଜନା ଦାସ, ମାଳତୀ ସିଂ, କର୍ମଚାରୀ ପ୍ରସନ୍ନ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# କଂଗ୍ରେସ ପକ୍ଷରୁ ୭ଟି ବିଧାନସଭା କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ

ଯାଜପୁର, ୨୦।୧ (ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କଂଗ୍ରେସର ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଓଡ଼ିଶାର ସମସ୍ତ ୧୪୭ ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ମଣ୍ଡଳୀସ୍ତରୀୟ ସଂଯୋଜକ ନିଯୁକ୍ତି କରିଛନ୍ତି। ତେବେ ବିଂଝାରପୁର ପାଇଁ ସଂଗ୍ରାମ ସାହାଣୀ, ବରୀ ପାଇଁ ବିଭୂତି ଭୂଷଣ ମହାପାତ୍ର, ବଡଚଣା ପାଇଁ ଦୁର୍ଯ୍ୟୋଧନ ବେହେରା, ଧର୍ମଶାଳାର ସଂଗ୍ରାମ କେଶରୀ ଜେନା, ଯାଜପୁର ପାଇଁ ବଟକୃଷ୍ଣ ମହାପାତ୍ର, କୋରେଇ ପାଇଁ ଦିଲ୍ଲୀପ ଦାଶ ଓ ସୁକିନ୍ଦା ପାଇଁ ଅନୁପ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

# ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା



ବଡ଼ଚଣା, ୨୦।୧(ସମିସ): ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ଯୁବ ଓଡ଼ିଶା ନବୀନ ଓଡ଼ିଆ ଆନୁକୂଲ୍ୟରେ ଆଜି ଚଣ୍ଡିଖୋଲସ୍ଥ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା ଉଦ୍‌ଘାଟନ କରି ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତି ଓ ଆଧୁନିକ ଜୀବନ ଶୈଳୀ ପ୍ରଭାବରେ ଆମ ଓଡ଼ିଆଙ୍କ ଖାଦ୍ୟ ପ୍ରଣାଳୀ ବଦଳିଯିବା ସହ ପାରମ୍ପରିକ ଖାଦ୍ୟକୁ ଆମେ ଭୁଲିଯାଉଛେ। ଏହା ଏକ ଉତ୍ତମ ମାଧ୍ୟମ ଯାହା ଆମର ପାରମ୍ପରିକ ଖାଦ୍ୟକୁ ଆମ ଯୁବପିଢିଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ମହାପାତ୍ର, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ସୁକେସିନୀ ସାମଲ, ପ୍ରାକ୍ତନ ଅଧକ୍ଷ ଡଃ କେଦାରନାଥ ଦାସ, ଅଧ୍ୟାପକ ବିରଞ୍ଚି କୁମାର ନାୟକ, ବିଜୟ କେତନ ସାମଲ, ଅଧ୍ୟାପିକା ସଂଘମିତ୍ରା ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ମଧୁ କୁମାରୀ, ଡଃ ସୁଜାତା ସେନାପତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ପାରମ୍ପାରିକ ଖାଦ୍ୟ କାକରା, ଚକୁଳି, ପୋଡ଼ପିଠା, ଆରିଶା ପିଠା, ଦହିବରା, ଟଙ୍କପାଣି ସମେତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଥିଲେ।

### ■ ଅବକାରୀ ବିଭାଗ ପକ୍ଷରୁ କୋରେଇ ଓ ବ୍ୟାସନଗର ଅଞ୍ଚଳରେ ଚଢ଼ଉ

# ୨୨୦ ଲିଟର ଦେଶୀମଦ, ୨ ବାଇକ୍ ଜବତ; ୪ ଗିରଫ

ବ୍ୟାସନଗର, ୨୦।୧(ସମିସ): ଯାଜପୁରରୋଡ୍ ଅବକାରୀ ବିଭାଗ ପକ୍ଷରୁ କୋରେଇ ଓ ବ୍ୟାସନଗର ଅଞ୍ଚଳରେ ଚଢ଼ଉ କରାଯାଇ ୨୨୦ ଲିଟର ଦେଶୀମଦ, ୨ଟି ବାଇକ୍ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ନାରାୟଣ ବେହେରା କୋରେଇ ଓ ବ୍ୟାସନଗରର ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ସମୟରେ ୪ଜଣ ବ୍ୟକ୍ତି ଦେଶୀମଦ ବିକିବାକୁ ବାଇକ୍‌ରେ ଆସୁଥିବା ଦେଖି ଗିରଫ କରିନେଇଥିଲେ। ଏମାନେ ହେଲେ କୋରେଇ ବ୍ଲକ ପୂର୍ବକୋଟ ଅଞ୍ଚଳର ସାଗର ଜେନା, ପ୍ରଦୀପ କୁମାର ଜେନା, ଜେନାପୁର ଅଞ୍ଚଳର କାବୁଲା ଜେନା ଓ ଶ୍ରୀକାନ୍ତ ଜେନା। ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ୪ଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତେବେ ଏହି ଅଭିଯୁକ୍ତଙ୍କ ନିକଟରୁ ୨୨୦ ଲିଟର ଦେଶୀମଦ ସହିତ ୨ଟି ବାଇକ୍ ଜବତ ହେଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ବିଭୁପ୍ରସାଦ ସାହୁ, ନାରାୟଣ ବେହେରା ଓ କର୍ମଚାରୀ ସାମିଲ ଥିଲେ।



## ବିଧାୟକ ଏକାଦଶ ଓ ସିନେ ତାରକା ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍

# ସିନେ ତାରକା ଏକାଦଶ ବିଜୟୀ

ଧର୍ମଶାଳା, ୨୦।୧ (ସମିସ):

ଧର୍ମଶାଳା ବ୍ଲକ ଜାରକାସ୍ଥ କଳ୍ପତରୁ ଦାସ ଷ୍ଟାଡ଼ିୟମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ବିଧାୟକ ଏକାଦଶ ଓ ସିନେ ତାରକା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ପାଟଣା ବିଧାୟକ ଜଗନ୍ନାଥ ନାୟକ ୪୨ ରନ, ଦେବୀ ରଞ୍ଜନ ତ୍ରିପାଠୀ ୩୭ ରନ ଓ ରୁଦ୍ର ମହାରଥୀ ୨୫ ରନ କରିଥିଲେ। ସିନେ ତାରକା ଏକାଦଶ ପକ୍ଷରୁ ଦୀପକ ବାରିକ ଓ ସମ୍ବିତ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ସିନେ ତାରକା ବ୍ୟାଟିଂ ୧୦.୨ ଓଭରରେ ୪ ୱିକେଟ ହରାଇ ୧୪୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଟିକୁ ସାମଲ ୭୯ ଓ ସମ୍ବିତ ୨୦ ରନ କରିଥିଲେ। ବିଧାୟକ ଏକାଦଶ ପକ୍ଷରୁ ଦିବ୍ୟଶଙ୍କର ମିଶ୍ର ୨ଟି ଓ ବିଷ୍ଣୁପଦ ରାଉତରାୟ ଗୋଟିଏ ୱିକେଟ ନେଇଥିଲେ।

ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଅମର ପ୍ରସାଦ ଶତପଥୀ, ପ୍ରଣବ ପ୍ରକାଶ ଦାସ, ସମ୍ବିତ ରାଉତରାୟ, ଅରୁଣ ସାହୁ, ଜଗନ୍ନାଥ ସାହୁ, ବ୍ୟୋମକେଶ ରାୟ, ସୌଭିକ ବିଶ୍ୱାଳ, ପ୍ରଶାନ୍ତ ବେହେରା, ଅଶୋକ ବଳ, ସୁନନ୍ଦା ଦାସ, ଆକାଶ ଦାସନାୟକ ପମୁଖ ଯୋଗ ଦେଇଥିବାବେଳେ ସିନେ ତାରକା ପକ୍ଷରୁ ଅରିନ୍ଦମ, ବବି ମିଶ୍ର, ସମ୍ବିତ ଆଚାର୍ଯ୍ୟ, ସ୍ୱରାଜ ବାରିକ, ଭୂପିନ୍ଦର ସିଂ, ସମ୍ଭବ, ସୋମଶ, ଜାପାନୀ, ଦିବ୍ୟା ମହାନ୍ତି ଓ ପ୍ରେରଣା ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ସୁଶୀଲ ମହାନ୍ତି ଓ ଅସିତ ଜେନା ପରିଚାଳନା କରିଥିଲେ। ସିନେ ତାରକା ଦଳର ସର୍ବାଧିକ ରନ କରିଥିବା ଟିକୁ ସାମଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା।



# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଆୟୋଜିତ

ବଡ଼ଚଣା, ୨୦।୧ (ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ପଞ୍ଚାୟତସ୍ଥ ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୈତାରୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଶିକ୍ଷା ଏକ ଜୀବନ ବ୍ୟାପି ସାଧନା, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଶିକ୍ଷ୍ୟା ଗ୍ରହଣ କରିଥାଏ। ଆମ ଭାଷା ଆମ ପୂର୍ବ ପୁରୁଷଙ୍କ ଅବଦାନ। ଏହାକୁ ଆମେ ଅଧିକ ପରିମାର୍ଜିତ କରିବା, ଦୃଢ ଇଚ୍ଛାଶକ୍ତି ଥିଲେ ସଫଳତା ମିଳିଥାଏ। ପ୍ରକୃତିଠାରୁ ଆମେ ଶିକ୍ଷ୍ୟା କରୁ। ସାହିତ୍ୟ ଇତିହାସର କଥା କହେ, କ୍ଷୁଦ୍ର ଭିତରେ ବୃହତ୍ତର ସନ୍ଧାନ ମିଳେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭକ୍ତ ଚରଣ ସାହୁ, ମୋ ସ୍କୁଲ ଉପସଭାପତି ଦେବଯାନୀ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ବେହେରା, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ବଳରାମ ରଣା, ଶିକ୍ଷୟିତ୍ରୀ ପ୍ରତୀମା ରାୟଚୌଧୁରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ମିଶ୍ର ଯୋଗଦେଇ ମା, ମାଟି, ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେଇଥିଲେ।

ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ମୋ କଥା ମୋ କାହାଣୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ାଙ୍ଗନ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ, ସାହିତ୍ୟ ସୃଜନୀ କ୍ଲବର ଅଧିନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥି ବୁଲି ଦେଖିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଗୌତମ ବୁଦ୍ଧ, ଶ୍ରୀଗଣେଶ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ପାଣିକୋଇଲି, ୨୦।୧(ସମିସ):** ପାଣିକୋଇଲି ପୁଲିସ ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପାଣିକୋଇଲି ଅଟୋ ଷ୍ଟାଣ୍ଡ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ପଥରପଦା ପଞ୍ଚାୟତର ରଥ ଦାସଙ୍କ ପୁଅ ଶ୍ୟାମସୁନ୍ଦର ଅଟୋରେ ବସିଥିବାବେଳେ ଏହି ଥାନା ଅନ୍ତର୍ଗତ ଔପଦା ଗ୍ରାମର ରାକେଶ ମହାନ୍ତି ନାମକ ଯୁବକ ତାଙ୍କ ସାର୍ଟ ପକେଟରେ ଥିବା ମୋବାଇଲକୁ ଝାମ୍ପି ନେଇ ଦୌଡ଼ି ପଳାଇଯାଇଥିଲା। ପରେ ଶ୍ୟାମଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇ ରାକେଶକୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରାଯାଇଛି।

## ଗିରିଧାରୀ ପାର୍ବତୀ ଦେବୀ ବିଦ୍ୟାଳୟରେ ଭାଷା ସାହିତ୍ୟ ଉତ୍ସବ



**ହରିପୁର, ୨୦।୧ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତର ଗିରିଧାରୀ ପାର୍ବତୀ ଦେବୀ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ, କୌଶଳୀ, ଜିଜ୍ଞାସା କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତର୍କ, କବିତା, କ୍ଷୁଦ୍ରଗଳ୍ପ, କବିତା ଆବୃତ୍ତି, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, କ୍ରୀଡ଼ା, ଅଭିନୟ, ଆଦି ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରତିପାଦନ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ସୁଲିପ୍ସା ସାହୁଙ୍କ ଅଭିନୟରେ ଉପସ୍ଥିତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଅଭିଭୂତ ହୋଇଥିଲେ। ପରିଚାଳନା ସମିତି ସଭାପତି ନିଗମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି, ବିକ୍ରମ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା, ଛାତ୍ରଛାତ୍ରୀ, ଅଭିଭାବକ, ଉଭୟ ଚଣ୍ଡିମାତା ଉପ୍ରା ଓ ଗିରିଧାରୀ ପାର୍ବତୀ ଦେବୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ପାଚେରି ନିର୍ମାଣ ଦାବି

**ହରିପୁର, ୨୦।୧ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କେତେକ ପ୍ରାଥମିକ ବିଦ୍ୟାଳୟର ପାଚେରି ନ ଥିବାରୁ ପିଲାଙ୍କ ସୁରକ୍ଷା ନେଇ ଆଶଙ୍କା ଦେଖାଦେଇଛି। ସିଙ୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଥିବା ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟରେ ପୂର୍ଣ୍ଣାଙ୍ଗ ପ୍ରାଚୀର ନାହିଁ। ଏହି ବିଦ୍ୟାଳୟରେ ନିର୍ମାଣାଧୀନ ପ୍ରାଚୀର କାର୍ଯ୍ୟ ଅଳ୍ପ କିଛି ହୋଇ ଅବଶିଷ୍ଟ ଅଂଶରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ସେହିପରି ମୁଗୁପାଳ ପଞ୍ଚାୟତ ଅନ୍ତର୍ଗତ ବରାଂଶ ଗ୍ରାମରେ ଥିବା ବରାଂଶ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆଦୌ ପାଚେରି ନାହିଁ। ଫଳରେ ଅନେକ ସମୟରେ ଅସାମାଜିକ ବ୍ୟକ୍ତି ସ୍କୁଲ କ୍ୟାମ୍ପସକୁ ପଶିଯାଉଥିବା ଅଭିଯୋଗ ହେଉଛି। ତେଣୁ ଉଭୟ ବିଦ୍ୟାଳୟର ପାଚେରି ନିର୍ମାଣ କରିବାକୁ ବିଦ୍ୟାଳୟ ଅଭିଭାବକ କମିଟି ପକ୍ଷରୁ ଦାବି ହୋଇଛି।

## ନବୋଦୟ ପ୍ରବେଶିକା ପରୀକ୍ଷାଦେଲେ ୭୩୯ ଛାତ୍ରଛାତ୍ରୀ

**ହରିପୁର, ୨୦।୧ (ସମିସ):** ରସୁଲପୁର ବ୍ଲକର କ୍ଷେତ୍ରପାଳ, ଖଣ୍ଡିତର ଓ ମୁଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୭୮୮ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବାବେଳେ ୪୯ ଜଣ ଅନୁପସ୍ଥିତ ଥିଲେ। ସମୁଦାୟ ୭୩୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥିଲା। ଏହି ପରୀକ୍ଷା କେନ୍ଦ୍ରକୁ ବିଭାଗୀୟ ଉଚ୍ଚ ଅଧିକାରୀ ପରିଦର୍ଶନ କରିଥିଲେ।

## କୁଆଁଳ ବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା



**କୟାଁଗୋଲା, ୨୦।୧(ସମିସ):** କୁଆଁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସୃଜନୀର ସମୀକ୍ଷକ ଭାବେ ଶୁଭେନ୍ଦୁ ମହାପାତ୍ର, ଜିଜ୍ଞାସା ଓ କୌଶଳିର ସମୀକ୍ଷକ ଭାବେ କୁଳମଣି ଦାସ ଓ କ୍ରୀଡ଼ା ସମୀକ୍ଷକ ଭାବେ ରବୀନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିପିନ କୁମାର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀକାନ୍ତ ଘଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗ୍ରାମର ମୁରବୀ ଗୁରୁଚରଣ ଦାସ, ଗିରିଧାରୀ ବେହେରା, ନରେନ୍ଦ୍ର ସେଠୀ, ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ କୁମାର ଦାସ, ଗଙ୍ଗାଧର ସାହାଣୀ, ରବୀନ୍ଦ୍ର କୁମାର ବିଶ୍ୱାଳ ଓ ସବିତା କୁମାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପଙ୍କପାଳ-ବ୍ରାହ୍ମଣୀ ବ୍ରିଜ୍ ନଦୀବନ୍ଧ ରାସ୍ତା

# ଅଧା ହୋଇପଡ଼ିଛି କାମ; ପାଲଟିଛି ମରଣଯନ୍ତା



**ଯାଜପୁର, ୨୦।୧ (ସମିସ)**

ଦାନଗଦି ବ୍ଲକର ପଙ୍କପାଳ ଗ୍ରାମଠାରୁ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ଦେଇ ୫୩ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଜଳ ସମ୍ପଦ ବିଭାଗ ଏହି ରାସ୍ତା କାମ ଅଧା କରି ଛାଡ଼ିଦେଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡ଼ିଛି। ଲୋକେ ଯାତାୟାତରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ଏହି ରାସ୍ତାର ମରାମତି କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅଧୀନ ଦାନଗଦି ବ୍ଲକର ପଙ୍କପାଳ ଗ୍ରାମ ସୀମାନ୍ତ ଅଞ୍ଚଳ ଅଟେ। ବ୍ରାହ୍ମଣୀ ନଦୀ ସଂଲଗ୍ନ ଏହି ନଦୀବନ୍ଧ ରାସ୍ତା ଉପରେ ସୁକିନ୍ଦା ଓ ଦାନଗଦି ବ୍ଲକ ଲୋକଙ୍କ ଅପେକ୍ଷା ନଦୀ ଅପରପାର୍ଶ୍ୱ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଲୋକେ ଅଧିକ ନିର୍ଭର କରନ୍ତି। ଏଥିସହ କଳିଙ୍ଗନଗର ଶିଳ୍ପାଞ୍ଚଳ ଉପରେ ନିର୍ଭର ହଜାର ହଜାର ଶ୍ରମିକ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଦୀର୍ଘଦିନ ଧରି ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିଲା। ପରେ କିଛି ମାସ ହେବ ରାସ୍ତାକୁ ସମ୍ପୂର୍ଣ୍ଣ ମରାମତି ନ କରି ଖାଲି ସମାନ କରି ମେଟାଲ ଓ ଡଷ୍ଟ ପକାଇ ଦିଆଯାଇଛି। ଫଳରେ ଯାତାୟାତ କରିବା ଅସୁବିଧା ହେଉଛି। ବିଶେଷକରି ସନ୍ଧ୍ୟା ସମୟରେ ଡଷ୍ଟ ଗୁଣ୍ଡ ଉଡ଼ି କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି। ଏହାଦ୍ୱାରା ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।

ଏହି ରାସ୍ତା ଦେଇ ଜିଲ୍ଲାର ପ୍ରମୁଖ ବଜାର ବ୍ୟାସନଗର, ବ୍ୟାସନଗର କଲେଜ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାର ଅଫିସ ଆଦି ବହୁ ସରକାରୀ କାର୍ଯ୍ୟାଳୟକୁ ଲୋକେ ଯିବାଆସିବା କରନ୍ତି। କଳିଙ୍ଗନଗରର ବିଭିନ୍ନ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ଏହା ଜୀବନ ରେଖା କୁହାଯାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅଧା କାମ କରି ଛାଡ଼ି ଦିଆଯିବାରୁ ସ୍ଥାନୀୟ ଲୋକଙ୍କ ମନରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜାନକୀ ମଧୁସୂଦନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ



**ବିଞ୍ଝାରପୁର, ୨୦।୧(ସମିସ)**

ବିଞ୍ଝାରପୁର ବ୍ଲକର କପିଳା ପଞ୍ଚାୟତ ଅନ୍ତର୍ଗତ ମାନଧାତାପାଟଣାଠାରେ ଅବସ୍ଥିତ ଜାନକୀ ମଧୁସୂଦନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଓ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମଧୁସୂଦନ ରାଉତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବନବିହାରୀ ଦାସ ଓ ଅଧ୍ୟାପିକା ସରୋଜିନୀ ସାହୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଓଡ଼ିଆ ସାହିତ୍ୟ ସମ୍ପର୍କରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଘମିତ୍ରା ପତି ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବିଞ୍ଝାରପୁର ବ୍ଲକର ଅଳକୁଣ୍ଡ ନୂଆଗାଁଠାରେ ଅବସ୍ଥିତ ଆଞ୍ଚଳିକ ବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ, ଓଡ଼ିଆ ପର୍ବ ପର୍ବାଣୀରେ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ଆଲୋଚନାଚକ୍ର ଆରମ୍ଭ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ପ୍ରାଧ୍ୟାପକ ବିଜ୍ଞାନ ମୋହନ ମହାନ୍ତି ସଭାପତିତ୍ୱ କରିଥିବାବେଳେ ପ୍ରାଧ୍ୟାପକ ଶେଖ୍ ଜମାଲୁଦ୍ଦିନ ସଭା ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଧ୍ୟାପିକା ମମତାମୟୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ନୋଡାଲ ଅଫିସର୍ ପ୍ରାଧ୍ୟାପକ ସୁଦର୍ଶନ ମଲିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ପ୍ରାଧ୍ୟାପକ ଡକ୍ଟର ଦେବ ପ୍ରସାଦ ସାମଲ ଓ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସତ୍ୟନାରାୟଣ ପଟ୍ଟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁପୁର ବିଦ୍ୟାଳୟରେ 'ମୋ କଥା, ମୋ କାହାଣୀ' କାର୍ଯ୍ୟକ୍ରମ

**ବାରବାଟୀ, ୨୦।୧(ସମିସ):** କୋମଳମତି ଶିଶୁଙ୍କ ସୁପ୍ତ ପ୍ରତିଭାକୁ ଜାଗ୍ରତ କରିଛି 'ମୋ କଥା, ମୋ କାହାଣୀ'। ମାନବ ଜୀବନର ମୂଳାଧାର ଶିକ୍ଷା। ଶିକ୍ଷା ମାଧ୍ୟମରେ ମଣିଷର ସଂସ୍କାର, ସଂସ୍କୃତି, ପରମ୍ପରା, ନୃତ୍ୟକଳା, ସଙ୍ଗୀତ ଇତ୍ୟାଦିର ଉନ୍ନତି ହୋଇଥାଏ। ପିଲାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ। ସୃଜନଶୀଳତାର ପ୍ରତୀକ ହେଉଛି ଏହି ସଂକଳନ। ଏ ପରିପ୍ରେକ୍ଷୀରେ ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ 'ମୋ କଥା ମୋ କାହାଣୀ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ମ, ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଶମଣି ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭଗବାନ ଦାସ, ମୁଖ୍ୟବକ୍ତା ଭାବେ ବିଦ୍ୟାଧର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳାକାର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଚାରୋଟି କ୍ଲବରେ ବିଭକ୍ତ କରାଯାଇଥିଲା। ଚାରି ଶିକ୍ଷକ ଓ ଶିକ୍ଷୟିତ୍ରୀ ନେତୃତ୍ୱ ନେଇଥିଲେ। ସେମାନେ ହେଲେ ଜିଜ୍ଞାସା କ୍ଲବର ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ସାହିତ୍ୟ ସୃଜନୀ କ୍ଲବର



ଶିକ୍ଷୟିତ୍ରୀ ପ୍ରତିଭା ବେହେରା, କୌଶଳୀ କ୍ଲବର ଶିକ୍ଷୟିତ୍ରୀ ସରସ୍ୱତୀ ମଲ୍ଲିକ, ଚିତ୍ରାଙ୍କନ କ୍ଲବର ଶିକ୍ଷକ ମାନସ କୁମାର ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ନୃତ୍ୟରେ ଶିକ୍ଷୟିତ୍ରୀ ଅନୁସ୍ମିତା ପାଢ଼ୀ, ରଙ୍ଗୋଲିରେ ଶିକ୍ଷୟିତ୍ରୀ ଶୁଭଶ୍ରୀ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ବିଦ୍ୟାଳୟ ମଧ୍ୟରେ ଥିବା ଆରାଧ୍ୟ ଦେବତା ପ୍ରଭୁ ଶ୍ରୀରଘୁନାଥଙ୍କ ନିକଟକୁ ଯାଇ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ସଂସ୍କୃତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ମଙ୍ଗଳପୁର, ୨୦।୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ପଞ୍ଚାୟତସ୍ଥ ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟ ପରିସରରେ ପଣ୍ଡିତ ରଘୁନାଥ ମିଶ୍ର ସ୍ମାରକ ପାଠଚକ୍ର ଓ ସାଂସ୍କୃତିକ ବିଭାଗ ଛାତ୍ରଛାତ୍ରୀଙ୍କ ସଂସ୍କୃତ ବିଭାଗର ଅବସରପ୍ରାପ୍ତ ଶିକ୍ଷକ ଡଃ ନବକିଶୋର ମିଶ୍ରଙ୍କ ଦ୍ୱାଦଶାହରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏହି ସଭାରେ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡଃ ବିଜୟ କିଶୋର ସାମଲ, ପ୍ରାକ୍ତନ ସଂସ୍କୃତ ବିଭାଗ ମୁଖ୍ୟ ଡଃ ହରିଶ ଚନ୍ଦ୍ର ପଣ୍ଡା ଅତିଥି ରୂପେ ଯୋଗଦେଇ ନବକିଶୋର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଗଣିତ ବିଭାଗ ପ୍ରାଧ୍ୟାପକ ରବିନାରାୟଣ ଦାସ ସଭା ପରିଚାଳନା



କରିଥିବାବେଳେ ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଶରତ ଚନ୍ଦ୍ର ସାହୁ, ଉମାକାନ୍ତ ସାହୁ, ସୁଧାଂଶୁ ଶେଖର ଦାସ, ଡଃ ସବ୍ୟରଞ୍ଜନ ନାୟକ, ଗଣେଶ ପ୍ରସାଦ ପଣ୍ଡା, ଯୁଗଜ୍ୟୋତି ମହାପାତ୍ର, ସଞ୍ଜୟ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ, ଡଃ ଭାଗ୍ୟଶ୍ରୀ ରାୟ, ବିମଳିନୀ କର, ସଂଘମିତ୍ରା ସାହୁ, ପୁରାତନ ଛାତ୍ର ତଥା ସିଂହପୁର ମହାବିଦ୍ୟାଳୟର ଅଧ୍ୟାପକ ଡଃ ଦୀପ୍ତିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କଣ୍ଟାବଣିଆ ସରକାରୀ ବିଦ୍ୟାଳୟରେ ସୃଜନଶୀଳତା ଉତ୍ସବ



**ବିଞ୍ଝାରପୁର, ୨୦।୧ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅସନପୁରସ୍ଥ କଣ୍ଟାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନ ଶିକ୍ଷକ କଳ୍ପତରୁ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ କବି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଶିଶିର କୁମାର ପଣ୍ଡା ମଞ୍ଚ ମଣ୍ଡନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଜିତ କୁମାର ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା ଆବୃତ୍ତି, ଗଳ୍ପ ପଠନ, ପ୍ରାଚୀର ପତ୍ରିକା ପ୍ରଦର୍ଶନ, ମୋ କଥା ମୋ କାହାଣୀ ପୁସ୍ତକ ରଚନା, ସମୀକ୍ଷା, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଓ ଅନ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାହିତ୍ୟ ସୃଜନୀ କ୍ଲବ୍‌ର ପ୍ରାକ୍ତନ ଛାତ୍ର ସ୍ୱୟଂସେବକ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ସସ୍ମିତା ନାୟକ, ସନ୍ତୋଷ କୁମାର ଦାଶ, ଭଜଗୋବିନ୍ଦ ମାଝୀ, ମୋନାଲିସା ପଣ୍ଡା, ପ୍ରଜ୍ଞା ପରିମିତା ମହାନ୍ତି, ଦେବସ୍ମିତା ସାହୁ, ସଞ୍ଜୁଲତା ମହାନ୍ତି, ଭବାନୀ ଶଙ୍କର ନାୟକ, ବିନୋଦିନୀ ମଲ୍ଲିକ, ଯାଜ୍ଞସେନୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଅସନପୁର ସରପଞ୍ଚ କାଞ୍ଚନ ମଲ୍ଲିକଙ୍କ ସମେତ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## 'ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର

**ବଡ଼ଚଣା, ୨୦।୧(ସମିସ)**



ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର କୁମାର ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ନାଇଜରର କୁଳ ସଚିବ ଡଃ ଅଭୟ କୁମାର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ନାୟକ ଜଗନ୍ନାଥ କିପରି ସର୍ବଧର୍ମର ସମନ୍ୱୟ ଓ ବିଶ୍ୱ ମୈତ୍ରୀର ପ୍ରତୀକ ଦର୍ଶାଇବା ସହିତ ବହୁ ତାତ୍ତ୍ୱିକ ଦୃଷ୍ଟାନ୍ତମାନ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡଃ ନାୟକ ଜଗନ୍ନାଥଙ୍କ ମହିମା ଓ ତାଙ୍କ ଦୈନନ୍ଦିନ ରିତିନୀତି, ପୂଜା ପାର୍ବଣରେ କିପରି ଲୋକ ଶିକ୍ଷା ଓ ଚିରନ୍ତନ ମୂଲ୍ୟବୋଧ ରହିଛି ତାହା ମାର୍ମିକ ଭାବେ ସାହିତ୍ୟ ବିଭାଗ ଅଧ୍ୟାପକ ପ୍ରଦୀପ କୁମାର ବରାଳ ଆଲୋଚ୍ୟ ବିଷୟବସ୍ତୁ ଉପରେ ସାର ଗର୍ଭକ ସୂଚନା ପ୍ରଦାନ କରି ସାହିତ୍ୟରେ ଅଲୌକିକ ଓ କାହାଣୀ ପ୍ରସଙ୍ଗରେ ଅଭିବ୍ୟକ୍ତ କରିଥିଲେ। ଯାହା ଉପସ୍ଥିତ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ଭିତରେ ଭକ୍ତ ଭାବନା ସୃଷ୍ଟି ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ମାହାଲା ଶ୍ରୀମନ୍ଦିରର ଐତିହ୍ୟ ଓ ଜଗନ୍ନାଥ ଚେତନାର ମହନୀୟ ଦିଗକୁ ସଦୃଷ୍ଟାନ୍ତ ବର୍ଣ୍ଣନା କରିବା ସହ ଯୁଗେ ଯୁଗେ ଜଗନ୍ନାଥ ହିଁ ଓଡ଼ିଆ ଜାତିର ଗର୍ବ ଗୌରବର ପ୍ରତୀକ ବୋଲି ଅଭିମତ ରଖିଥିଲେ। ଓଡ଼ିଆ ଭାଷା ଜଗନ୍ନାଥଙ୍କ ଦିବ୍ୟ ମହିମା କିପରି ପ୍ରକୋଡ଼ିତ ହୋଇଛି ତାହା ଦର୍ଶାଇଥିଲେ। ଏ ଅବସରରେ +୨ ବିଭାଗର ନୋଡ଼ାଲ ଅଫିସର ଡଃ ଦୀପକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ +୩ ବିଭାଗର ନୋଡ଼ାଲ ଅଫିସର ଡଃ ସରିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯର୍ୟକ୍ରମକୁ ବ୍ରଜକିଶୋର ସ୍ୱାଇଁ, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଭାଗ୍ୟଧର ନାୟକ, ଶାନ୍ତନୁ କୁମାର ରାଉତରାୟ, ନାରାୟଣ ଚନ୍ଦ୍ର ମୁଦୁଲୀ, ସଞ୍ଜୀବ ମହାନ୍ତି, ଶିରିଶ ରାଉଲ, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ, ଅମ୍ବିକା ତ୍ରିପାଠୀ, ଇପସିତା ସାହୁ, ସସ୍ମିତା ବେହେରା, ସନାତନ ନାୟକ, ଅକ୍ଷୟ କୁମାର ରାଉତରାୟ, ପ୍ରସନ୍ନଜିତ୍ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପାଣିକୋଇଲି, ୨୦।୧(ସମିସ):** କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟ ସ୍ୱର୍ଗତ ଧରଣୀଧର ଘଡ଼ାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଣିକୋଇଲି କଲ୍ୟାଣ ମଣ୍ଡପରେ ଧରଣୀଧର ଘଡ଼ାଇ ସ୍ମୃତି ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏଥିସହିତ ପାଣିକୋଇଲିରେ ଉଦ୍‌ଘାଟନ ଅପେକ୍ଷାରେ ଥିବା ଟ୍ରମାକେୟାର ଓ ସୁପର ହସ୍‌ପିଟାଲର ନିର୍ମାଣ ପଛରେ ସ୍ୱର୍ଗତ ଘଡ଼ାଇଙ୍କ ଅବଦାନ ଅତୁଳନୀୟ। ତେଣୁ ଉକ୍ତ ଟ୍ରମା କେୟାରର ନାମ ଧରଣୀ ଟ୍ରମା କେୟାର ନାମରେ ନାମିତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ନେଇ ସ୍ଥିର କରାଯାଇଥଲା। ଉକ୍ତ ସଭାରେ ବରିଷ୍ଠ ଓକିଲ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ଦିଲ୍ଲୀପ ମଲ୍ଲିକ, ବିଦ୍ୟାଧର ମହନ୍ତି, କଂଗ୍ରେସ ନେତା ପଦ୍ମାକର ଗୁରୁ, ଅକ୍ଷୟ କୁମାର ଜେନା, ସଦାଶିବ ଦାସ, ସିପିଏମ ନେତା ପ୍ରଫୁଲ୍ଲ ନାୟକ, ଆଲୋକ ମହାନ୍ତି, ଗଣେଶ ସାହୁ, ଡା ନିର୍ମଳ ରଥ, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ସମାଜସେବୀ ସନ୍ତୋଷ ବେହେରା, ସାମାଜିକ କର୍ମୀ ଇଂ ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଯାଜପୁର ଟାଉନ୍ ବାଣିଜ୍ୟକର ଅଫିସ ସର୍କଲରେ ପରିଣତ

# ଟିକସଦାତାଙ୍କୁ ଯିବାକୁ ପଡ଼ିବନି ବ୍ୟାସନଗର




ଯାଜପୁର, ୨୦ା୧(ସମିସ): ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଯାଜପୁର ଟାଉନଠାରେ ଥିବା ବାଣିଜ୍ୟକର ଅଫିସକୁ ସର୍କଲରେ ପରିଣତ କରାଯାଇଛି। ପୂର୍ବରୁ ବ୍ୟାସନଗରଠାରେ ଥିବା ବାଣିଜ୍ୟକର ଅଫିସ ଜିଲ୍ଲାର ଏକମାତ୍ର ସର୍କଲ ଥିଲା। କିନ୍ତୁ ଜିଲ୍ଲାରେ ବଢୁଥିବା ବାଣିଜ୍ୟକର କାରବାରକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରିଛି। ଏହା ଯାଜପୁର-୧ ଓ ଯାଜପୁର-୨ ସର୍କଲ ଭାବେ ନାମିତ ହେବ। ଫଳରେ ଟିକସଦାତାଙ୍କୁ ଆଉ ବ୍ୟାସନଗର ଯିବାକୁ ପଡ଼ିବନି। ନିକଟରେ ରାଜ୍ୟ ସରକାର ରାଜ୍ୟରେ ନୂତନ ୫ଟି ସର୍କଲକୁ ମଞ୍ଜୁରି ଦେଇଛନ୍ତି। ଭୁବନେଶ୍ୱରର ୫ ଓ ୬, କଟକ ୩, ଯାଜପୁର ୨, ବାଲେଶ୍ୱରର ୨ ନମ୍ବର ସର୍କଲ ଏଥିରେ ସାମିଲ ଅଛି।

ଯାଜପୁର-୧ ନମ୍ବର ସର୍କଲରେ ଯାଜପୁରରୋଡ, ସୁକିନ୍ଦା, କଳିଙ୍ଗନଗର, ଯଖପୁରା, ବୈରୀ, କାଳିଆପାଣି, ଟମକା, କୋରେଇ ଅଞ୍ଚଳ ରହିବ। ସେହିପରି ଯାଜପୁର-୨ ନମ୍ବର ସର୍କଲ ଅଧୀନରେ ଯାଜପୁର ଟାଉନ, ଜେନାପୁର, ପାଣିକୋଇଲି, ବିଂଝାରପୁର, ମଙ୍ଗଳପୁର, ଧର୍ମଶାଳା, ଜାରକା, ବଡ଼ଚଣା, ବାଲିଚନ୍ଦ୍ରପୁର, ଦଶରଥପୁର, ବରୀ, ରାମଚନ୍ଦ୍ରପୁର, କୁଆଖିଆ ଓ ଚଣ୍ଡିଖୋଲ ଅଞ୍ଚଳ ରହିବ। ତେଣୁ ଏସବୁ ଅଞ୍ଚଳର ଟିକସଦାତାଙ୍କ ସମସ୍ତ କାର୍ଯ୍ୟ ଯାଜପୁର ଟାଉନ ସର୍କଲ ଅଫିସରେ ହେବ। ପୂର୍ବରୁ ସମସ୍ତ କାମ ଯାଜପୁରରୋଡରେ ହେଉଥିଲା। ବହୁ ଦୂରଦୂରାନ୍ତରୁ ଯିବା ପାଇଁ ଟିକସଦାତା ହଇରାଣ ହରକତ ହେଉଥିଲେ। ଯାଜପୁର ଟାଉନ ସର୍କଲ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହେବା ପରେ ଏଠାରେ ଜଣେ ଯୁଗ୍ମ କମିଶନର ରହିବେ ବୋଲି ଜଣାପଡ଼ିଛି।

## ■ ବୃଦ୍ଧାଙ୍କଠାରୁ ଟଙ୍କା ଠକେଇ ଘଟଣା

# ୬ ମାସ ପରେ ବି ହୋଇନି କାର୍ଯ୍ୟାନୁଷ୍ଠାନ

ବିଂଝାରପୁର, ୨୦ା୧(ସମିସ): ବିଶ୍ୱାସରେ ବିଷ ଦେଇ ବୃଦ୍ଧାଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେବା ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଫଳରେ ବୃଦ୍ଧା ଜଣକ ନିରୂପାୟ ହୋଇ ଘରେ ବସି ରହିଛନ୍ତି। ପୁଲିସ କେବଳ ନାମକୁ ମାତ୍ର ଅଭିଯୋଗ ଦାଖଲ କରି ନିଜର କାମ ସାରିଦେଇଛି।

ବିଂଝାରପୁରସ୍ଥ ସେଣ୍ଟ୍ରାଲ ବ୍ୟାଙ୍କରେ ଏଭଳି ଠକେଇ ହୋଇଛି। ଚନ୍ଦ୍ରମୁଁ ପଞ୍ଚାୟତ ଜଗନ୍ନାଥପୁରର ବୃଦ୍ଧା ଭଗବତୀ ଦିବ୍ୟା ପରିଚିତ ଅଟୋ ଚାଳକ ସହିତ ନିୟମିତ ବ୍ୟାଙ୍କକୁ ଯାତାୟାତ କରିଥା’ନ୍ତି। ଏହି ଯିବା ଆସିବା ଭିତରେ ସମ୍ପୃକ୍ତ ଅଟୋ ଚାଳକ ବ୍ୟାଙ୍କ କର୍ମଚାରୀଙ୍କ ସହିତ ମିଶି ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ବୃଦ୍ଧାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ଫୋନ ନମ୍ବରକୁ ବଦଳାଇ ଏଭଳି ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଭଗବତୀ ସ୍ଥାନୀୟ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ



ପୁଲିସ ଅଟୋ ଚାଳକକୁ ଡାକି ପଚରାଉଚରା କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଟୋ ଚାଳକକୁ ପୁଲିସ ଛାଡି ଦେଇ ଚୁପ ବସିଛି। ସେପଟେ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ତେଣୁ ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ।

## ମଧୁପୁର ମହାବିଦ୍ୟାଳୟରେ ଜଗନ୍ନାଥ ଚେତନା ଆଲୋଚନାଚକ୍ର

ବାରବାଟୀ, ୨୦ା୧(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ମଧୁପୁର ମହାବିଦ୍ୟାଳୟରେ ‘ନୂଆ-ଓ’ ଓଡ଼ିଆ ଭାଷା ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା ଉପରେ ଆଲୋଚନାଚକ୍ର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ତୁହିନାଂଶୁ ରଥ ସଭାପତିତ୍ୱ କରିଥିଲେ। ଯାଜପୁର ଜିଲ୍ଲା “ନୂଆ-ଓ” ସଞ୍ଚାଳକ ସୁରେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ସାଂସଦଙ୍କ ରସୁଲପୁର ବ୍ଲକ ପ୍ରତିନିଧି, ରସୁଲପୁର ବ୍ଲକ ଆମ୍‌ା ସଭାପତି ତଥା ମଧୁପୁର ମହାବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାୟକ ଶ୍ରୀଜଗନ୍ନାଥ ଚେତନା ଓ ବିଶ୍ୱଭାତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ସନ୍ତୋଷ କୁମାର ମହାପାତ୍ର ଜଗନ୍ନାଥ ଚେତନା କିପରି ତ୍ୟାଗ ସମାନତା ଓ ପ୍ରଗତି ପାଇଁ ମାର୍ଗ ପ୍ରସ୍ତୁତ କରିଛି, ସେ ସମ୍ପର୍କରେ ଶାରଳା ଦାସ, ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ପ୍ରଦୀପ କୁମାର ଦାସ, ସୁରଥ ଶତପଥୀ, ଅଧ୍ୟାପକ ସୁବାସ କୁମାର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଭାସିନୀ ମଲ୍ଲ ସ୍ୱାଗତ ଭାଷଣ ଦେଇଥିଲେ। ଜିତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

ହରିପୁର, ୨୦ା୧(ସମିସ): କୁଆଖିଆ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବରାଂସ ଲେଙ୍କାସାହି ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ମୁଗୁପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପୁଅ ନନ୍ଦକିଶୋର ପଣ୍ଡା ବାଇକ୍ ଯୋଗେ ବରାଂସ ଗ୍ରାମରୁ ମୁଖ୍ୟ ରାସ୍ତାକୁ ବାହାରି କୁଆଖିଆ ଅଭିମୁଖେ ଯାଉଥିବା ସମୟରେ ହରିପୁରରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ନନ୍ଦକିଶୋରଙ୍କ ଡାହାଣ ଗୋଡ଼ଟି ଭାଙ୍ଗିଯାଇଛି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ ନିଆଯାଇଛି। ପୁଲିସ୍ ଗାଡ଼ି ଦୁଇଟିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ‘ନୂଆ-ଓ’ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଶାଳା, ୨୦ା୧ (ସମିସ): ଧର୍ମଶାଳା ପଞ୍ଚାୟତ ସମିତି ଆନୁକୂଲ୍ୟରେ ‘ନୂଆ-ଓ’ ଯୋଜନାରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆଜି ଜାରକାସ୍ଥ କଳ୍ପତରୁ ଦାସ ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଖୋଖୋ, କବାଡି, କ୍ରିକେଟ, ଫୁଟବଲ, ଭଲିବଲ, ହକି ଆଦି ଖେଳରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୪୮ଟି ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ବିଧାୟକ ଅମର ପ୍ରସାଦ ଶତପଥୀ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରଣବ ବଳବନ୍ତରାୟ, ବିଧାୟିକା ସୁନନ୍ଦା ଦାସ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଯାଜପୁର ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

## ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର

ପାଣିକୋଇଲି, ୨୦ା୧(ସମିସ): ପାଣିକୋଇଲିସ୍ଥ ମା’ ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପକ୍ଷରୁ ଜଗନ୍ନାଥ ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ +୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚନ୍ଦ୍ରକାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସାରଥୀ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଜଗନ୍ନାଥ ଚେତନା, ଜଗନ୍ନାଥ ଭଜନ, ସୁନ୍ଦର ହସ୍ତାକ୍ଷର, କବିତା ପଠନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ସୋମନାଥ ପତି, ଅଧ୍ୟାପିକା କଲ୍ୟାଣୀ ସାମଲ, ଅଧ୍ୟାପକ ସମରେନ୍ଦ୍ର ଦାଶ, ତୁଷାର ରଞ୍ଜନ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ଗୌରହରି ମହାପାତ୍ର, ଗୋପବନ୍ଧୁ ସାହୁ, ନକୁଳ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କିତ କର୍ମଶାଳା



କୋରେଇ, ୨୦ା୧(ସମିସ): ବିଭିନ୍ନ ନିର୍ମାଣ ତଥା କଳାକୃତି ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ଥିବା ଦେଶର କାରିଗରଙ୍କୁ ଚିହ୍ନଟ ଓ ସାମଗ୍ରିକ ବିକାଶ ନିମନ୍ତେ କେନ୍ଦ୍ର ସରକାର ପିଏମ ବିଶ୍ୱକର୍ମା ଯୋଜନା ପ୍ରଣୟନ କରିଛନ୍ତି। ଗତ ସେପ୍ଟେମ୍ବର ମାସରେ ବିଶ୍ୱକର୍ମା ପୂଜା ଅବସରରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଆର୍ଥିକ ଦୃଷ୍ଟିରୁ ସମାଜର ତଳବର୍ଗରେ ରହୁଥିବା ପଥର ଶିଳ୍ପୀ, କାଠ କାରିଗର, କୁମ୍ଭାର, କମାର, ବଣିଆ ଆଦିଙ୍କ ସହ ବାରିକ, ରଜକ, ରାଜମିସ୍ତ୍ରି ଆଦି ୧୮ ପ୍ରକାରର ବୃତ୍ତିଧାରୀ ଏହି ଯୋଜନାରୁ ଲାଭ ପାଇପାରିବେ। ସାଧାରଣ ଲୋକଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନତା କରିବା ସହ ଏହି ବୃତ୍ତିଧାରୀ ଏହି ଯୋଜନାରୁ କିଭଳି ଲାଭ ଉଠାଇପାରିବେ, ସେଥିପାଇଁ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମଏସଏମଇ ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଯାଜପୁର ଜିଲ୍ଲା ରଗଡ଼ି ଛକ ନିକଟରେ ଥିବା ଯାଜପୁର ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଏହି କର୍ମଶାଳାରେ ଲୋକଙ୍କୁ ଏହି ଯୋଜନାରୁ ମିଳୁଥିବା ଲାଭ ସମ୍ପର୍କରେ ଅତିଥିଗଣ ବୁଝାଇ କହିଥିଲେ। କଟକସ୍ଥ ଏମଏସଏମଇ କାର୍ଯ୍ୟାଳୟର ଡେପୁଟି ଡାଇରେକ୍ଟର ସଚ୍ଚିଦାନନ୍ଦ ଦାସ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ କୁମାର ବେହୁରିଆ, ଯାଜପୁର ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି ଓ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିଦାନନ୍ଦ ମିଶ୍ର, ଓଡ଼ିଶା ଶିଳ୍ପୀ ମହାସଂଘର ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, ଡୋମେନ ଇନଚାର୍ଜ ସୁଦୀପ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ଇତିମଧ୍ୟରେ ୨୮ ହଜାର ୬୭୫ ଜଣ ହିତାଧିକାରୀ ଏହି ଯୋଜନା ଅଧୀନରେ ନିଜ ନାମ ପଂଜୀକରଣ କରିସାରିଛନ୍ତି। ସେ ମଧ୍ୟରୁ ମାତ୍ର ୧୨୦୦ ଲୋକଙ୍କ ଭେରିଫିକେସନ ସରିଛି। ଏହି ପଂଜୀକରଣ କାମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଜିର କର୍ମଶାଳାରେ ଗୁରୁତ୍ୱ ଆରୋପ କରାଯାଇଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ବରୀ, ୨୦ା୧(ସମିସ): ଆଦର୍ଶ ଶିକ୍ଷକ ଗୋବର୍ଦ୍ଧନ ପଣ୍ଡାଙ୍କ ପରଲୋକ ଘଟିଛି। ୮୫ ବର୍ଷ ବୟସରେ ଶନିବାର ରାତି ୮ଟା ସମୟରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା କ୍ଷଣି ଯାଜପୁର ଜିଲ୍ଲା ବରୀ ବ୍ଲକ ନାଥପୁର ପଟଣା ଗ୍ରାମସ୍ଥ ତାଙ୍କ ବାସଭବନରେ ଶୁଭେଚ୍ଛୁ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଭିଡ ଲାଗିଥିଲା। ୨୧ନଂ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସରପଞ୍ଚ କୁନା ମଲିକ, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ସମିତିସଭ୍ୟ ଶ୍ରୀଧର ସେଠୀ,



ଅଜୟ କୁମାର ଜେନା, ନିରଞ୍ଜନ ମହଲ ପ୍ରମୁଖ ପଣ୍ଡା ସାରଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ପୁଅବୋହୂ, ଦୁଇ ନାତୁଣୀ ଓ ପୁତୁରା ଆଇନଜୀବୀ ଭବାନୀ ପଣ୍ଡା ଉପସ୍ଥିତ ଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସମାଜସେବୀ ଅଶୋକ କୁମାର ବେହେରା, ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ର, ଯୁବନେତା ସଞ୍ଜୀବ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ‘ନୂଆ-ଓ’ ପୌରପାଳିକା କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଯାଜପୁର, ୨୦ା୧(ସମିସ): ଯାଜପୁର ପୌରପାଳିକାରେ ‘ନୂଆ-ଓ’ ଅଧୀନରେ ଚାଲିଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ ପ୍ରମୁଖ ଯୋଗ ଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକାର ସମସ୍ତ ପାରିଷଦ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ପୌରାଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡାବିତଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ମିଳିବ ବୋଲି ସୂଚନା ଦିଆଯାଇଥିଲା।

## ୩ ବାଇକ୍ ଚୋର ଗିରଫ; ୩ ଗାଡ଼ି ଜବତ

ବ୍ୟାସନଗର ୨୦ା୧ (ସମିସ): ଯାଜପୁରରୋଡ ପୁଲିସ ୩ ଜଣ ବାଇକ୍ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଦାନଗଦି ତ୍ରିଜଙ୍ଗା କଲୋନୀର ମିଥୁନ ବାଦ୍ରା ଓରଫ ଦାମ, ସୁନୀଲ ପୂର୍ତ୍ତି ଓ ଚନ୍ଦନ ପାତ୍ର। ସେମାନଙ୍କ ନିକଟରୁ ୩ଟି ଗାଡ଼ି ଜବତ ହୋଇଛି। ଯାଜପୁରରୋଡ ପୁଲିସ ୩ଟି ମାମଲା ରୁଜୁ କରିଥିବା ଜଣାପଡ଼ିଛି।



## ‘ଓଡ଼ିଶାର ସଂସ୍କୃତି ମୂଲ୍ୟବୋଧ ଓ ଆଜିର ଯୁବପିଢ଼ି’ ସମ୍ପର୍କିତ ଆଲୋଚନାଚକ୍ର



ସୁକିନ୍ଦା, ୨୦ା୧(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ଭାରତୀ ବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ‘ଓଡ଼ିଶାର ସଂସ୍କୃତି ମୂଲ୍ୟବୋଧ ଓ ଆଜିର ଯୁବପିଢି’ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ସମ୍ମାନରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବରିଷ୍ଠ ଅଧ୍ୟାପକ ନନ୍ଦକିଶୋର ଖଣ୍ଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟର ଅଧ୍ୟାପକ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ମିହିର କୁମାର ସାହୁ ସଂସ୍କୃତି ମୂଲ୍ୟବୋଧ ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ଯୁବ ଲେଖକ ସମ୍ମେଳନର ସଭାପତି ଶଙ୍କର ପରିଡ଼ା ସାହିତ୍ୟ ଓ ବିଜ୍ଞାନ ବିଷୟକୁ ତୁଳନାତ୍ମକ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ଭୂୟାଁ ସଂସ୍କୃତିର ଅବକ୍ଷୟ ଆଜିର ଯୁବପିଢି ଉପରେ କିପରି ପ୍ରଭାବ ବିସ୍ତାର କରିଛି, ତାହା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଧ୍ୟାପକ ଶ୍ରୀକାନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମୂହିକ ଛୁଟିରେ ପ୍ରାଣୀଧନ ଚିକିତ୍ସକ; ପଶୁ ଚିକିତ୍ସା ବାଧାପ୍ରାପ୍ତ

କବାଟବନ୍ଧ, ୨୦ା୧ (ସମିସ): ଧର୍ମଶାଳା ବ୍ଲକର କବାଟବନ୍ଧ ଓ ଜେନାପୁର ଅଞ୍ଚଳରେ ପଶୁପକ୍ଷୀଙ୍କ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ଏ ଅଞ୍ଚଳରେ ଥିବା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସାରା ରାଜ୍ୟରେ ପ୍ରାଣୀ ଚିକିତ୍ସାରେ ନିଯୁକ୍ତ ବିଭିନ୍ନ ପଦାଧିକାରୀ ବିଭିନ୍ନ ଦାବିରେ ଚଳିତ ମାସ ୧୮ ତାରିଖରୁ ସାମୂହିକ ଛୁଟିରେ ଥିବା ଜଣାପଡ଼ିଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଗୃହପାଳିତ ପଶୁପକ୍ଷୀଙ୍କ ସମେତ ଦୁର୍ଘଟଣାର ଶିକାର ହେଉଥିବା ବୁଲା ଗାଈଗୋରୁ, ଷଣ୍ଢ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଦାବି ମୁତାବକ ଦୀର୍ଘ ୨୨ ବର୍ଷ ଧରି ନିଜ କାର୍ଯ୍ୟଠାରୁ ୩ ଗୁଣ ଅଧିକ ଦାୟିତ୍ୱ ବହନ କରି ମଧ୍ୟ କୌଣସି ପଦୋନ୍ନତି ମିଳୁ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହିତ ସମାନ ପଦୋନ୍ନତି ପ୍ରଦାନ କରିବା, ଆବଶ୍ୟକତା ଦୃଷ୍ଟିରେ ଡାକ୍ତର ପଦବୀ ସୃଷ୍ଟି କରି ନିଯୁକ୍ତି ପ୍ରଦାନ କରିବା ଆଦି ଦାବି ତୁରନ୍ତ ପୂରଣ କରିବା ପାଇଁ ଦାବିରେ ଉଲ୍ଲେଖ କରାଯାଇଛି।

## ବାଲିବିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଅକରପଡ଼ାକୁ ହରାଇ ଇନ୍ଦୁପୁର ଚାମ୍ପିଅନ୍

ବରୀ, ୨୦ା୧(ସମିସ): ବରୀ ବ୍ଲକ ଅଧୀନସ୍ଥ ବାଲିବିଲ ପଞ୍ଚାୟତର ଏମ୍‌ଏସ ଗ୍ରାଉଣ୍ଡରେ ଉତ୍କଳ ଗୌରବ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ବାଲିବିଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଗୋପବନ୍ଧୁ କ୍ରିକେଟ କ୍ଲବ ଇନ୍ଦୁପୁର ଓ ନୀଳଚକ୍ର ଯୁବକ ସଂଘ ଅକରପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ କ୍ରିକେଟ୍ କ୍ଲବ ଇନ୍ଦୁପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଗୌରବ ଚୌଧୁରୀ ଓ ନୟନ ଗୁପ୍ତାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୨୫୯ ରନ ସଂଗ୍ରହ କରିଥିଲା। ଗୌରବ ଚୌଧୁରୀ ସର୍ବାଧିକ ୮୪ ରନ ସଂଗ୍ରହ କରିଥିଲେ। ଜବାବରେ ଅକରପଡ଼ା ପକ୍ଷରୁ ପ୍ରଥମ ଓଭରରୁ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଫଳରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୨୨ ରନ କରିଥିଲା। ଦଳ ପକ୍ଷରୁ ଦେଶରାଜ ମହାନ୍ତି ୪ ଚୌକା ଓ ଗୋଟିଏ ଛକା ସହିତ ୨୯ ରନ କରିଥିଲେ। ଇନ୍ଦୁପୁରର ନୟନ ଗୁପ୍ତା ୭୩ ରନ ସହିତ ୩.୪ ଓଭରରେ ମାତ୍ର ୧୨ ରନ ପ୍ରଦାନ କରି ୩ଟି ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ୍ ଦି ଫାଇନାଲ ଘୋଷିତ ହୋଇଥିଲେ।




ଇନ୍ଦୁପୁର ୧୩୭ ରନ ବ୍ୟବଧାନରେ ବିଜୟ ହାସଲ କରିଥିଲା। ପ୍ରଶାନ୍ତ କୁମାର ରାଉତ ଓ ଜ୍ଞାନରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିବାବେଳେ ଅଶ୍ୱିନ କୁମାର ସାମଲ, ଅଜୟ ସାମଲ, ମାନଗୋବିନ୍ଦ ସାମଲ ଓ ସ୍ମୃତିରଞ୍ଜନ ସାମଲ ଧାରା ବିବରଣୀ ପ୍ରଦାନ ଥିଲେ। ସ୍କୋରର ଦାୟିତ୍ୱରେ ଦୁଃଶାସନ ବେହେରା ରହିଥିବାବେଳେ ପ୍ରତୀକ କୁମାର ସ୍ୱାଇଁ, ସ୍ନେହାଶିଷ ସାମଲ, ସଞ୍ଜୟ ବେହେରା ଓ ଅମରେଶ କୁମାର ନାଥ ସହଯୋଗ କରିଥଲେ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ଥାନାଧିକାରୀ ପ୍ରକାଶ କୁମାର ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ସମିତି ସଭ୍ୟା ସୁଧାଂଶୁବାଳା ସାମଲ, ସମାଜସେବୀ ଅମରେଶ ପରିଡ଼ା ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ୟୁଜିଏଏର ସଭାପତି ଶୁଭ୍ରାଂଶୁ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମହେନ୍ଦ୍ର କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ନିହାର ରଞ୍ଜନ ସାମଲ, କୋଷାଧ୍ୟକ୍ଷ ପ୍ରଶାନ୍ତ ପଢ଼ିହାରୀ, ଦିଲ୍ଲୀପ କୁମାର ସ୍ୱାଇଁ, ସୁଧାଞ୍ଜୟ ସାମଲ, ଯଯାତି ସାମଲ, ଅବିନାଶ, ଅନୁରାଗ, କାର୍ତ୍ତିକ ପ୍ରମୁଖ ସହଯୋଗ କରିଥିଲେ। ସୁଧାଂଶୁ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

